

Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ସୁମାପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:207✦24 November 2026 (Tuesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୨୦୭✦୨୪ ନଭେମ୍ବର ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ପ୍ରଶ୍ନ କାଳରେ ଉଠିଲା ବୁକ୍ ସର୍କୁଲାର ପ୍ରସଙ୍ଗ

ବିରୋଧୀ ଦଳ ବିଧାୟକଙ୍କ କଥା ଶୁଣୁ ନାହାନ୍ତି ଅଫିସର



ଭୁବନେଶ୍ୱର,୨୩/୧୧(ନି/ପ୍ର): ପ୍ରଶ୍ନ କାଳରେ ଉଠିଲା ବୁକ୍ ସର୍କୁଲାର ପ୍ରସଙ୍ଗ । ଅଫିସର ମାନୁ ନାହାନ୍ତି ବୁକ ସର୍କୁଲାର ୪୭ । ବିରୋଧୀ ଦଳ ବିଧାୟକଙ୍କ କଥା ଶୁଣୁ ନାହାନ୍ତି ସରକାରୀ ଅଧିକାରୀ । ସ୍ୱାୟତ ଶାସନ ଦିବସରେ ବିଧାୟକଙ୍କୁ ନିମନ୍ତ୍ରଣ ଏବଂ ଫଳକରେ ନାଁ ନଥିବା ନେଇ ଗୃହରେ ଉଦବେଗ ପ୍ରକାଶ କଲେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ । ଅନେକ ଚିଠିକାର୍ଯ୍ୟାଳୟରୁ ଯାଉଥିଲେ ମଧ୍ୟ ଅଫିସର ଏହାର ଉତର ଦେଉନାହାନ୍ତି । କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ୍ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ଅନେକ କାର୍ଯ୍ୟକ୍ରମରେ ନିର୍ବାଚିତ ବିଧାୟକଙ୍କୁ ଡକାଯାଉ ନାହିଁ, ବରଂ ଅଣ ନିର୍ବାଚିତ ବିଧାୟକ ମଂଚରେ ସ୍ଥାନ ପାଉଛନ୍ତି କହି ଅଭିଯୋଗ ଆଣିଲେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ଯଦି ଏହି ନିୟମ ସଠିକ୍ ପାଳନ ହେବ ନାହିଁ ତେବେ ବୁକ୍ ସର୍କୁଲାର ୪୭ କୁ ପ୍ରତ୍ୟାହାର କରିନିଆଯାଉ । ଯଦି ରଖିବେ ତେବେ ସଠିକ୍ ଭାବେ ଏହାକୁ ପାଳନ କରାଯାଉ କହିଲେ ପ୍ରସନ୍ନ ଆଚାର୍ଯ୍ୟ । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବୁକ ସର୍କୁଲାର ୪୭ ପ୍ରସଙ୍ଗରେ ଉତର ରହିଛନ୍ତି । ସେ କହିଛନ୍ତି ଯେ, ଅଫିସରମାନେ ବୁକ୍ ସର୍କୁଲାରକୁ ପାଳନ କରିବା ସହ ଏହାକୁ ଲିଖିତ ଭାବରେ ରଖିବା କଥା ସରକାର ଅନୁଧ୍ୟାନ କରିବେ । କିପରି ବୁକ୍ ସର୍କୁଲାର ପାଳନ କରାଯିବ ଏଥିକୁ କମିଟି ଅଧ୍ୟକ୍ଷ ନିକଟରେ ସମ୍ବଲପୁରରେ ଏକ ୱାର୍କସପ୍ କରାଯାଇଥିଲା । ସେନେଇ ଏଥିକୁ କମିଟିକୁ ନିୟମିତ ଟ୍ରେନିଂ କରାଯିବ ବୋଲି କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ।

ପଞ୍ଜାବ ବିଧାନସଭା ନିର୍ବାଚନ ୨୦୨୭: ୧୯ ଜଣିଆ କମିଟି ଘୋଷଣା କଲା ବିଜେପି



ଚଣ୍ଡିଗଡ଼,୨୩/୧୧: ଆଗାମୀ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତିକୁ ଜୋରଦାର କରି ଭାରତୀୟ ଜନତା ପାର୍ଟି (ବିଜେପି) ଆନୁଷ୍ଠାନିକ ଭାବରେ ଏହାର ରାଜ୍ୟ ନିର୍ବାଚନୀ କମିଟି ଘୋଷଣା କରିଛି । ପଞ୍ଜାବ ବିଜେପି ରାଜ୍ୟ ସଭାପତି କେଓ୍ୱଲ ସିଂହ ଧିଲୋନ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ ଏକ ୧୯ ଜଣିଆ କମିଟିର ତାଲିକା ପ୍ରକାଶ କରି ସମସ୍ତ ନବନିଯୁକ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କେଓ୍ୱଲ ସିଂହ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ପଞ୍ଜାବ ବିଜେପି ରାଜ୍ୟ ନିର୍ବାଚନୀ କମିଟି ଘୋଷଣା କରିଛି । ମୋର ସମସ୍ତ ସହକର୍ମୀଙ୍କୁ ଅଭିନନ୍ଦନ । ମୁଁ ନିଶ୍ଚିତ ଯେ, ଆପଣମାନେ ପୂର୍ଣ୍ଣ ସମର୍ପଣର ସହିତ ଆପଣଙ୍କର ଦାୟିତ୍ୱ ନିର୍ବାହ କରିବେ ଏବଂ ପଞ୍ଜାବର ପ୍ରତ୍ୟେକ ଘରକୁ ଦଳକୁ ନେଇଯିବେ । ତାଲିକାରେ ୧୬ ମୁଖ୍ୟ ସଦସ୍ୟଙ୍କ ସହିତ ୩ ବିଶେଷ ଆମନ୍ତ୍ରିତ ସଦସ୍ୟଙ୍କୁ ସ୍ଥାନ ଦିଆଯାଇଛି । ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ ସତୀଶ ପୁନିୟା, ବିରେନ୍ଦ୍ର ସଚ୍ଚଦେବା ଏବଂ ଅଳକା ଗୁର୍ଜର ରହିଛନ୍ତି । ଇସ୍ତାହାର କମିଟିରେ ବରିଷ୍ଠ ରାଜନୈତିକ ନେତା, ପୂର୍ବତନ ମନ୍ତ୍ରୀ, ସାଂସଦ ଏବଂ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନେ ସାମିଲ ଅଛନ୍ତି । ଏହି କମିଟି ୨୦୨୭ ବିଧାନସଭା ନିର୍ବାଚନ ପାଇଁ ବିଜେପିର ଦୃଷ୍ଟିକୋଣ ଡକ୍ୟୁମେଟଂ ଏବଂ ନିର୍ବାଚନ ପ୍ରତିଶ୍ରୁତି ପ୍ରସ୍ତୁତ କରିବା ପାଇଁ ଉତ୍ତରଦାୟୀ ରହିବ ।


ପାରାଦୀପ ବନ୍ଦର ପ୍ରାଧିକରଣ
ବୋଇତ ବନ୍ଦାଣ ଉତ୍ସବ
ମେଜର୍'ରୁ ମେଗା ପୋର୍ଟ
ଭାରତର ପୂର୍ବ ଉପକୂଳ ନୌବାଣିଜ୍ୟିକ ଭବିଷ୍ୟତକୁ ଶକ୍ତି ପ୍ରଦାନ
୧୫୬.୪୫
ନିୟୁତ ମେଟ୍ରିକ ଟନ୍
(ଆର୍ଥିକ ବର୍ଷ ୨୦୨୫-୨୬)
ପାରାଦୀପ ବନ୍ଦର ପ୍ରାଧିକରଣ
ଜଗତସିଂହପୁର, ପାରାଦୀପ - ୭୫୪୧୪୨
/ParadipPortAuthority | /ParadipPortAuthority | @ParadipPort | /ParadipPortAuthority

ଚାଷ ଜମି ବୁଲିଲେ, ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ



ଗଞ୍ଜାମ,୨୩/୧୧(ନି/ପ୍ର): ବାତ୍ୟା ପରବର୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲାରେ ହୋଇଥିବା କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ଆଜି ଜିଲା ଗସ୍ତରେ ଆସି ଗ୍ରାଉଣ୍ଡ ଜିରୋରେ ପହଚିଂ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଚାଷୀଙ୍କ ନିକଟରେ ପହଚିଂ ସେମାନଙ୍କ ସମସ୍ୟା ଶୁଣିବା ସହ ନିଜେ ଚାଷଜମି ଭିତରକୁ ଯାଇ ବନ୍ୟାଜଳରେ ନଷ୍ଟ ହୋଇଥିବା ଫସଲର ସ୍ଥିତି ପରଖିଥିଲେ । ପ୍ରଥମେ ପୁରୁଷୋତମପୁର ବ୍ଲକ ର ହାଣ୍ଡିଘର ଏବଂ ପରେ ଛତ୍ରପୁର ବ୍ଲକ୍‌ର ବଉଳଗାଁ ନିକଟସ୍ଥ ଚାରିଛକରେ ପହଚିଂ ଧାନ କ୍ଷେତକୁ ଯାଇ ଫସଲର ସ୍ଥିତି ଦେଖିଥିଲେ । ଚାଷୀଙ୍କ ସହ ଆଲୋଚନା କରି ବନ୍ୟା ଯୋଗୁଁ ଚାଷ କ୍ଷେତ୍ରରେ ହୋଇଥିବା କ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କ୍ଷୟକ୍ଷତି ସମ୍ପର୍କିତ ପାୱାର ପଏଟଂ ଉପସ୍ଥାପନା ମଧ୍ୟ ଦେଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଭକ୍ତଙ୍କୁ ଲୁଟୁଥିଲେ, ବାନ୍ଧିଲା ପୁଲିସ୍

ପୁରୀ,୨୩/୧୧(ନି/ପ୍ର): ନକଲି ଗୁମାସ୍ତାଙ୍କୁ ସାବଧାନ । ପୁରୀରୁ ପୁଣି ୫ ନକଲି ଗୁମାସ୍ତାଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ୍ । ଗିରଫ ନେଇ ସୂଚନା ଦେଇଛନ୍ତି ପୁରୀ ଏସ୍‌ପି ପ୍ରତୀକ ସିଂ । ଗିରଫଙ୍କ ମଧ୍ୟରେ କାଲି କିଛି ମହିଳାଙ୍କୁ ଠକେଇ କରିଥିବା ବ୍ୟକ୍ତି ବି ରହିଛି । ଯିଏ ବି ଦର୍ଶନ କରାଇବାକୁ କହି ଟଙ୍କା ମାଗୁଛି ଏ ନେଇ ପୁଲିସକୁ ଜଣାନ୍ତୁ । ଗିରଫ ୫ ନକଲି ଗୁମାସ୍ତା ହେଉଛନ୍ତି ପୁରୀ ସଦର ଥାନା ପିଳିପିଳା ଗ୍ରାମର ଲକ୍ଷ୍ମୀଧର ପରିଡ଼ା, ହାଡଗୋଡିଆ ସାହିର ବିଶ୍ୱରଂଜନ ନାୟକ, ଗୋରୁଆଳ ଗ୍ରାମର ଭଗବାନ ସାହୁ, ଲୋକନାଥ ରୋଡ୍‌ର ମଧୁସୁଦନ ମିଶ୍ର ଏବଂ ଜଗତସିଂହପୁର ଜିଲ୍ଲାର ରୁଦ୍ର ପ୍ରତାପ ଷଡ଼ଙ୍ଗୀ । ବଡ଼ଦାଣ୍ଡ, ମାର୍କେଟ ଛକ, ସିଂହଦ୍ୱାର ନିକଟରେ ଭକ୍ତଙ୍କୁ ଟାର୍ଗେଟ କରୁଛନ୍ତି ।

ୟୁ-ଟର୍ଣ୍ଣ ନେଲେ ଟ୍ରମ୍ପ: ସବୁ ଇରାନୀ ଜାହାଜକୁ ସମୁଦ୍ର ଗର୍ଭରେ ଡୁବେଇ ଦେବୁ

ଚୁକ୍ତିନାମା ନହେଲେ ନୂଆ ବର୍ଷ ପରେ ପୁଣି ହେବ ଆକ୍ରମଣ



ୱାସିଂଟନ,୨୩/୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ୟୁ-ଟର୍ଣ୍ଣ ନେଇ ଇରାନ ବିରୋଧରେ ଏକ କଡ଼ା ବିବୃତି ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ଇରାନ ସହିତ ଆଲୋଚନା ଚାଲିଛି, କିନ୍ତୁ ଯଦି କୌଣସି ଚୁକ୍ତିନାମା ନହୁଏ, ତେବେ ସେ ନୂଆ ବର୍ଷ ୨୦୨୭ ପରେ ଇରାନ ଉପରେ ବଡ଼ ସାମରିକ ଆକ୍ରମଣ ଆଉଥରେ ଆରମ୍ଭ କରାଯିବ । ଯଦି ଇରାନ ନୌସେନା ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକାର ଅବରୋଧ ଭାଙ୍ଗେ ତେବେ ଆକ୍ରମଣ କରିବାକୁ ଟ୍ରମ୍ପ ଧମକ ଦେଇ କହିଛନ୍ତି, ସବୁ ଇରାନୀ ଜାହାଜକୁ ସମୁଦ୍ର ଗର୍ଭରେ ଡୁବେଇ ଦିଆଯିବ । ଏହା ସହିତ ପରିଣାମ ଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି । ଇସ୍ରାଏଲ ଇରାନ ଉପରେ ଯୁଦ୍ଧ କରିବାକୁ ଆମେରିକା ଉପରେ ଚାପ ପକାଉଛି ବୋଲି ରିପୋର୍ଟ ମଧ୍ୟରେ ଟ୍ରମ୍ପଙ୍କର ଏଭଳି ବିବୃତି ଆସିଛି । ଏହା ମଧ୍ୟପ୍ରାଚ୍ୟରେ ପୁଣି ସଂଘର୍ଷ ଆଶଙ୍କାକୁ ବୃଦ୍ଧି କରିଛି । ଇରାନ ସ୍ପଷ୍ଟ କରିଛି ଯେ, ଯେକୌଣସି ଆକ୍ରମଣର କଡ଼ା ଜବାବ ଦେବ । ଫକ୍ସ ନ୍ୟୁଜ୍ ସହିତ କଥାବାର୍ତ୍ତା କରି ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ, ୱାସିଂଟନ ଏବଂ ତେହେରାନ ମଧ୍ୟରେ ପରୋକ୍ଷ ଆଲୋଚନା ଚାଲିଛି । ତେବେ ସେ ତେହେରାନର ଆଲୋଚନା ପଦ୍ଧତି ପ୍ରତି ନିରାଶା ପ୍ରକାଶ କରି ଇରାନୀ ନେତାଙ୍କୁ 'ପେଶାଦାର ଟ୍ୟାପ୍ ଡ୍ୟାନ୍ସର' ବୋଲି କହିଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ସେମାନେ ଆଲୋଚନା କରନ୍ତି କିନ୍ତୁ ଏକ ଚୁକ୍ତିନାମା ଦିଗରେ କୌଣସି ଠୋସ୍ ଅଗ୍ରଗତି କରନ୍ତି ନାହିଁ । ବାହାନା କରି ଆଲୋଚନାରେ ବାଧା ସୃଷ୍ଟି କରିଥାନ୍ତି । ଟ୍ରମ୍ପଙ୍କ ମନ୍ତବ୍ୟ ସୂଚାଇ ଦେଉଛି ଯେ, ଇରାନ ସହିତ ଯୁଦ୍ଧର ଆଶଙ୍କା ରହିଛି । ଯଦି ଚଳିତ ବର୍ଷ ଶେଷ ସୁଦ୍ଧା କୂଟନୈତିକ ପ୍ରୟାସ ବିଫଳ ହୁଏ, ତେବେ ଟ୍ରମ୍ପ ପ୍ରଶାସନ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଗମ୍ଭୀରତାର ସହ ବିଚାର କରୁଛି । ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ, ସେ ଏପରି ଏକ ଚୁକ୍ତି ଚାହାଁନ୍ତି ଯାହା ଭବିଷ୍ୟତରେ ଆମେରିକୀୟ ପ୍ରଶାସନ ଅଧୀନରେ ପ୍ରଭାବଶାଳୀ ରହିବ । ଇସ୍ରାଏଲ ଇରାନ ଉପରେ ଯୁଦ୍ଧ କରିବାକୁ ଆମେରିକା ଉପରେ ଚାପ ପକାଉଛି ବୋଲି ରିପୋର୍ଟ ମଧ୍ୟରେ ଟ୍ରମ୍ପଙ୍କର ଏଭଳି ବିବୃତି ଆସିଛି ।

ମଧ୍ୟପ୍ରାଚ୍ୟରେ ପୁଣି ଉତେଜନା:

ସାଉଦି ଆରବର ରାବିଘ ତୈଳ ବିଶୋଧନାଗାର ଉପରେ ହୁତିଙ୍କ ଆକ୍ରମଣ



ରିୟାଦ,୨୩/୧୧: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତେଜନା ମଧ୍ୟରେ ୟେମେନର ହୁତି ବିଦ୍ରୋହୀମାନେ ସାଉଦି ଆରବର ବଡ଼ ତୈଳ ବିଶୋଧନାଗାର ରାବିଘକୁ ଟାର୍ଗେଟ କରିଥିବା ଦାବି କରିଛନ୍ତି । ହୁତିଙ୍କ ଅନୁଯାୟୀ, କରାଯାଇଥିବା ଏକ ସାମରିକ ଅଭିଯାନରେ ରିଫାଇନାରୀ ଉପରେ ସିଧାସଳଖ ଆକ୍ରମଣ ହୋଇଛି । ତେବେ ଆକ୍ରମଣରେ କେତେ କ୍ଷୟକ୍ଷତି ହୋଇଛି ସେ ବିଷୟରେ କୌଣସି ଅଧିକାରିକ ସୂଚନା ଉପଲବ୍ଧ ହୋଇନାହିଁ । ହୁତିଙ୍କ ପକ୍ଷରୁ କରାଯାଇଥିବା ଦାବି ଉପରେ ସାଉଦି ଆରବ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି ଏହି ଅଭିଯାନ ବିଷୟରେ ବର୍ଣ୍ଣନା କରି କହିଛନ୍ତି ଯେ, ତାଙ୍କ ଗୋଷ୍ଠୀ ସାଉଦି ଆରବର ପଶ୍ଚିମ ଉପକୂଳରେ ଥିବା ରାବିଘ ତୈଳ ବିଶୋଧନାଗାରକୁ ଟାର୍ଗେଟ କରିଥିଲା । ରାବିଘ ହେଉଛି ସାଉଦି ଆରବର ଲୋହିତ ସାଗର ଉପକୂଳରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କ୍ଷେତ୍ର । ପେଟ୍ରୋ ରାବିଘ ଏକ ବୃହତ ତୈଳ ବିଶୋଧନ ଏବଂ ପେଟ୍ରୋକେମିକାଲ୍ ପ୍ରକଳ୍ପର । ଏହା ସାଉଦି ଆରାମକୋ ଏବଂ ଜାପାନର ସୁମିତୋମୋ କେମିକାଲ୍ ଦ୍ୱାରା ମିଳିତ ଭାବରେ ବିକଶିତ ହୋଇଛି । ଏହାର ଭୌଗୋଳିକ ସ୍ଥିତି ଏବଂ ସାମୁଦ୍ରିକ ରପ୍ତାନି ସୁବିଧା ଏହାକୁ ସାଉଦି ଆରବର ଶକ୍ତି ବ୍ୟବସାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର କରିଥାଏ । ଏହି ରିଫାଇନାରୀ କେନ୍ଦ୍ରାହରୁ ପ୍ରାୟ ୧୬୫ କିଲୋମିଟର ଦୂରରେ ଅବସ୍ଥିତ । ୟେମେନରେ ଚାଲିଥିବା ସଂଘର୍ଷ ମଧ୍ୟରେ ସାଉଦି ଆରବ ଏବଂ ହୁତିଙ୍କ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଉଥିବା ଦେଖାଯାଉଛି । ହୁତିମାନେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଦାବି କରୁଛନ୍ତି । ସେହିପରି ସାଉଦି ଆରବ ମଧ୍ୟ ୟେମେନରେ ହୁତିଙ୍କ ଶିବିର ଉପରେ ବିମାନ ଆକ୍ରମଣକୁ ତୀବ୍ର କରିଛି । ରାବିଘ ରିଫାଇନାରୀକୁ ଟାର୍ଗେଟ କରିବାର ସଦ୍ୟତମ ଦାବି ସୁରକ୍ଷା ଏବଂ ଶକ୍ତି ଯୋଗାଣ ସମ୍ପର୍କରେ ଚିନ୍ତା ସୃଷ୍ଟି କରିଛି ।

ଆମେରିକାରେ ୧୦ ଦିନ ମଧ୍ୟରେ ଦ୍ୱିତୀୟ ଯାନ୍ତ୍ରିକ ତ୍ରୁଟି:

ଡେଲ୍ଟା ଏୟାରଲାଇନ୍ସର ୩,୫୦୦ ବିମାନ ଉଡ଼ାଣ ବିଳମ୍ବ



ୱାସିଂଟନ,୨୩/୧୧: ଆମେରିକାର ବିମାନ ସେବାରେ ପୁଣି ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି । ଡେଲ୍ଟା ଏୟାର ଲାଇନ୍ସରେ କେତେକ ସମସ୍ୟା ଯୋଗୁଁ ହଜାର ହଜାର ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି । ଏୟାରଲାଇନ୍ସର ଗୋଟିଏ କମ୍ପ୍ୟୁଟର ସିଷ୍ଟମ କାମ କରିବା ବନ୍ଦ କରିବାରୁ ଆମେରିକାର ଅନେକ ବିମାନବନ୍ଦରରେ ୩,୫୦୦ ଉଡ଼ାଣ ବିଳମ୍ବିତ ହୋଇଛି । ଏହି ସମସ୍ୟା ଯୋଗୁଁ ବିମାନଗୁଡ଼ିକର ଉଡ଼ାଣ ପୂର୍ବରୁ ଆବଶ୍ୟକୀୟ ଗଣନା ମାନୁଆଲୀ କରାଯାଇଥିଲା । ବିମାନର ଓଜନ ଏବଂ ସନ୍ତୁଳନ ନିର୍ଣ୍ଣୟ କରୁଥିବା ଏୟାରଲାଇନ୍ସର ସିଷ୍ଟମରେ ଏହି ତ୍ରୁଟି ଦେଖାଦେଇଥିଲା । ଏହି ସିଷ୍ଟମ ଯାତ୍ରୀ, ଲଗେଜ, ଇନ୍ଧନ ଏବଂ ଅନ୍ୟାନ୍ୟ କାର୍ଗୋର ମୋଟ ଓଜନ ମାପ କରିବା ସହିତ ଓଜନ ସଠିକ୍ ଭାବରେ ବଟଂନ ହୋଇଛି କି ନାହିଁ ତାହା ମଧ୍ୟ ନିରୀକ୍ଷଣ କରିଥାଏ । ୧୦ ଦିନ ମଧ୍ୟରେ ବିମାନ ସେବା କ୍ଷେତ୍ରରେ ଏହା ଦ୍ୱିତୀୟ ଯାନ୍ତ୍ରିକ ତ୍ରୁଟି । ପୂର୍ବରୁ ନଭେମ୍ବର ୧୩ ତାରିଖରେ ଏଭଳି ସ୍ଥିତି ଉପୁଜିଥିଲା । ଫଳରେ ଆମେରିକାର ଫେଡେରାଲ୍ ଏଭିଏସନ୍ ପ୍ରଶାସନ (ଏଫଏଏ) ସିଷ୍ଟମ୍ ପ୍ରାୟ ପାଚଂ ଘଟାଂ ପାଇଁ ଦେଶବ୍ୟାପୀ ବିମାନ ଚଳାଚଳ ବନ୍ଦ କରିଥିଲା । ଏହି ସମୟ ମଧ୍ୟରେ ୧୮,୦୦୦ ରୁ ଅଧିକ ବିମାନ ଉଡ଼ାଣ ପ୍ରଭାବିତ ହୋଇଥିଲା । ତେବେ ଡେଲ୍ଟା ଏୟାରଲାଇନ୍ସ କିମ୍ବା ଏଫଏଏ ସିଷ୍ଟମ୍‌ର ଯାନ୍ତ୍ରିକ ତ୍ରୁଟିରେ କୌଣସି ସାଇବର ଆକ୍ରମଣ ଚିହ୍ନଟ ହୋଇନାହିଁ । ଏହି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆଟଲାଟାଂର ହାର୍ଟସଫିଲ୍ଡ-ଜ୍ୟାକସନ ଆନ୍ତର୍ଜାତୀୟ ବିମାନବନ୍ଦର ଏବଂ ନ୍ୟୁୟର୍କର ଲାଗାର୍ଡିଆ ବିମାନବନ୍ଦର ସମେତ ଅନେକ ପ୍ରମୁଖ ଆମେରିକୀୟ ବିମାନବନ୍ଦରକୁ ପ୍ରଭାବିତ କରିଥିଲା । ଆମେରିକାର ଫେଡେରାଲ୍ ଏଭିଏସନ୍ ପ୍ରଶାସନ ପ୍ରାୟ ଗୋଟିଏ ଘଟାଂ ପାଇଁ ଆଟଲାଟାଂକୁ ଏବଂ ସେଠାରୁ ବିମାନ ଚଳାଚଳ ବନ୍ଦ କରିଥିଲା । ଏହି ସମୟ ମଧ୍ୟରେ ବିମାନଗୁଡ଼ିକୁ ଆଟଲାଟାଂକୁ ପ୍ରସ୍ଥାନ କିମ୍ବା ପହଚିଂବାକୁ ଅନୁମତି ଦିଆ ଯାଇନଥିଲା । ପରେ ଏହି ବନ୍ଦକୁ ପ୍ରତ୍ୟାହାର କରାଯାଇଥିଲା, କିନ୍ତୁ ବିମାନ ଉଡ଼ାଣ ବିଳମ୍ବ ଜାରି ରହିଥିଲା । ଡେଲ୍ଟା ଏୟାରଲାଇନ୍ସ କହିଛି ଯେ, କମ୍ପ୍ୟୁଟର ସିଷ୍ଟମ ଠିକ୍ ନହେବା ପର୍ଯ୍ୟନ୍ତ ଏହାର କର୍ମଚାରୀମାନେ ମାନୁଆଲି ଓଜନ ଏବଂ ସନ୍ତୁଳନ ଗଣନା କରୁଥିଲେ । କମ୍ପାନିର ବୈଷୟିକ କର୍ମଚାରୀ ସିଷ୍ଟମ ମରାମତି ପାଇଁ କାମ କରିବା ପରେ ଏୟାରଲାଇନ୍ସ ରିପୋର୍ଟ କରିଥିଲା ଯେ, ସିଷ୍ଟମ ପୁଣି ଥରେ କାର୍ଯ୍ୟକ୍ଷମ ହୋଇଛି ।

ଆବଶ୍ୟକ
ଉତ୍କଳ ସମାଚାର
The Utkal Samachar
www.theutkalsamachar.com
ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ:
ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବାତ୍ୟା ଆକଭାନ ପ୍ରଭାବରେ ଧାନ ଫସଲ ନଷ୍ଟ ଆଶଙ୍କା

ଚିନ୍ତାରେ ଚାଷୀ ବିଲରେ ଭିଜୁଛି କଟା ଧାନ, ଗଜା ହେବା ଭୟରେ ଚାଷୀଙ୍କ ମୁଣ୍ଡରେ ଚଡ଼କ

ଘଟଗାଁ,୨୩/ ୧୧(ନି/ପ୍ର): ଧାନ ଅମଳର ଠିକ୍ ଏହି ସମୟରେ ବାତ୍ୟା 'ଆକଭାନ'ର ପ୍ରଭାବ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗତ ତୁଇ ଦିନ ଧରି ଲାଗି ରହିଥିବା ବର୍ଷା ଓ ପାଗର ପରିବର୍ତ୍ତନ ଯୋଗୁଁ ଘଟଗାଁ ଅଂଚଳରେ ଧାନ ଅମଳ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅନେକ ଚାଷୀଙ୍କ କଟା ଧାନ ଏବେ ବିଲରେ ପଡ଼ି ଭିଜୁଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଚାଷୀଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ଭଲ ଫସଲ ଅମକ ଆଶାରେ ଅନେକ ଚାଷୀ ଧାରଜରଜ ଓ ଋଣ କରି ଚାଷ କରିଥିଲେ। ଧାନ ପାଚିବା ପରେ ଅମଳ ପାଇଁ ବିଲରେ ଜାତି ରଖିଥିବା ବେଳେ ଅଦିନିଆ ବର୍ଷା ସବୁ ଆଶାରେ ପାଣି ଢାଳିଛି। ବିଲରେ କଟା ହୋଇ ପଡ଼ିଥିବା ଧାନ ଠିକ୍ ସମୟରେ ଖଳାକୁ ଆଣି ନପାରିବାରୁ ତାହା ନଷ୍ଟ ହେବା ସହ ଧାନର ଗୁଣବତ୍ତା ହ୍ରାସ ପାଇବା ନେଇ ଚାଷୀମାନେ ଆଶଙ୍କା ଜଣ୍ଡୁଛନ୍ତି। ବିଶେଷଜ୍ଞରି ସରକାରୀ ଓ ହାଇବ୍ରିଡ୍ ଜିମର ଧାନ ବର୍ଷାରେ ଭିଜି ରହିଲେ ଗଜା ହୋଇଯିବାର ଆଶଙ୍କା ରହିଛି। ଧାନ ଗଜା ହୋଇଗଲେ ତାହାର ବଜାର ମୂଲ୍ୟ ହ୍ରାସ ପାଇବା ସହ ବିକ୍ରି କରିବା ମଧ୍ୟ କଷ୍ଟକର ହୋଇପଡ଼ିବ। ଫଳରେ ଚାଷ ପାଇଁ କରିଥିବା ଋଣ ଓ ଧାରଜରଜ ଜିପରି ପରିଶୋଧ କରିବେ, ସେହି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ଚାଷୀଙ୍କ ପାଇଁ ଧାନ କେବଳ ଏକ ଫସଲ ନୁହେଁ, ବରଂ ସାରା ବର୍ଷର ପରିଶ୍ରମ ଓ ପରିବାରର ଆର୍ଥିକ ଆଶାର ଆଧାର। ଏଭଳି ସମୟରେ ପ୍ରାକୃତିକ ପାର ପରିବର୍ତ୍ତନ ଯୋଗୁଁ ଫସଲ କ୍ଷତି ହେବାର ଆଶଙ୍କା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ତେଣୁ ଘଟଗାଁ ବ୍ଲକର କୃଷି ବିଭାଗ ଓ ସମ୍ପୃକ୍ତ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ଧାନ ଫସଲର କ୍ଷୟକ୍ଷତି ଆକଳନ କରିବା ସହ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀ ମହଲରୁ ଦାବି ହେଉଛି। ନତେତ୍ ଧାନ ଅମଳ ସମୟରେ ଏହି କ୍ଷତି ଚାଷୀଙ୍କୁ ଆର୍ଥିକ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେବାର ଆଶଙ୍କା ରହିଛି।

ବିକାଶର ନଗ୍ନ ଚିତ୍ର :

ଖଟିଆରେ ନାଗାବଳୀ ପାର ହେଲେ ରୋଗୀ



ରାୟଗଡ଼ା,୨୩/ ୧୧(ନି/ପ୍ର): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଦୁର୍ଗମ ଅଂଚଳରେ ରାସ୍ତା ଓ ମୌଳିକ ସ୍ୱାସ୍ଥ୍ୟସେବା ଅପହଂଚ ହୋଇ ରହିଛି। ଏହାର ଏକ ଜଲ୍ଜ୍ୱଳ ଚିତ୍ର ପୁଣି ଦେଖିବାକୁ ମିଳିଛି ରାୟଗଡ଼। ସବର ବ୍ଲକର ପୁଜାରୀବସୁ ଗ୍ରାମରେ। ରାସ୍ତା ଓ ନଦୀ ଉପରେ ପୋଲ ନ ଥିବାରୁ ଜଣେ ଗୁରୁତର ରୋଗୀଙ୍କୁ ପ୍ରାୟ ୩ କିମି ଖଟିଆରେ ବୋହିବା ପରେ ଉଭା ନାଗାବଳୀ ନଦୀ ପାର କରାଇବାକୁ ପଡ଼ିଛି। ଗ୍ରାମର ଡାଡି ପିଢ଼ିକା ତୁଇ ଦିନ ଧରି ଅସୁସ୍ଥ ଥିଲେ। ଶୁକ୍ରବାର ସକାଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଗାଁକୁ ଗାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ନଦୀର ଅପର ପାର୍ଶ୍ୱରେ ଥିବା ବେହେରାଗୁଡ଼ା ନିକଟରେ ଅଟକିରହିଥିଲା। ଫଳରେ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଡାଙ୍କୁ ଖଟିଆରେ ବୋହି ନଦୀ ପାର କରାଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଗତ ମାସରେ ମଧ୍ୟ ଏହି ଗ୍ରାମର ଜଣେ ରୋଗୀଙ୍କୁ ଭାରରେ ବୋହି ନଦୀ ପାର କରାଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ରାସ୍ତା ନିର୍ମାଣ ଦାବି ଜଣିବା ସହ ଦାବି ପୂରଣ ନ ହେଲେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବାକୁ ତେଡାବନା ଦେଇଥିଲେ। ଜିଲ୍ଲାପାଳ ମଧ୍ୟ ଅନୁଧ୍ୟାନ କରି ଶୀଘ୍ର ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ତଥାପି ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ, ରାୟଗଡ଼ା ସବର ବ୍ଲକର ୩୨ଟି ଗ୍ରାମକୁ ପକ୍କା ରାସ୍ତା ନାହିଁ। ଏଭଳି ସ୍ଥିତିରେ ଦୁର୍ଗମ ଗ୍ରାମବାସୀଙ୍କୁ ରାସ୍ତା ଓ ଜରୁରୀ ସ୍ୱାସ୍ଥ୍ୟସେବା କେବେ ମିଳିବ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ବଲାଣିରେ ଆରମ୍ଭ ହେଲା ତିନିଦିନିଆ ପୁସ୍ତକ ମେଳା :

ଚମ୍ପୁଆ,୨୩/ ୧୧(ନି/ପ୍ର):ଚମ୍ପୁଆ ଉପଖଣ୍ଡସ୍ଥ ବଲାଣି ଡିଏଭି ପବ୍ଲିକ ସ୍କୁଲ (ସେଲ୍-ଆରଏମଡ଼ି) ପରିସରରେ ଶନିବାର ତିନିଦିନିଆ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ସୋମବାର (ନଭେମ୍ବର ୨୧, ୨୨ ଓ ୨୩) ପର୍ଯ୍ୟନ୍ତ ଚାଲିବ। ସବାଶିବ ବୁହ୍‌ଏଜେନ୍ସି ପହାରାମାଲରେ ଆୟୋଜିତ ଏହି ମେଳାରେ ଶିକ୍ଷଣୀୟ, ଜ୍ଞାନବର୍ଦ୍ଧକ ଓ ମନୋରଞ୍ଜନଧର୍ମୀ ପ୍ରାୟ ୧୨ ହଜାରରୁ ଅଧିକ ପୁସ୍ତକ ସ୍ଥାନ ପାଇଛି। ଉଦ୍ଘାଟନୀ ଉତ୍ସବରେ ଜିଏମ୍ (ପ୍ରୋଜେକ୍ଟ) ରାହୁଲାଲ ମଣ୍ଡଳ, ଜିଏଏମ୍ (ସିଭିଲ୍ ଇନ୍‌ଚାର୍ଜ) ସଞ୍ଜୟ କୁମାର, ଡେପୁଟି ମ୍ୟାନେଜର (ଏଚ୍‌ଆର୍) ଗୋପୀବଲ୍ଲଭ ଜଜ, ଭୁବନେଶ୍ୱର ସ୍ଥିତ ଶାରଦା ବୁହ୍ ଏଜେନ୍ସିର ପ୍ରତିନିଧି ଅରୁଣ କୁମାର ମହାପାତ୍ର ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ମହାନ୍ତି ପ୍ରମୁଖ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିରାହୁଲାଲ ମଣ୍ଡଳ କହିଥିଲେ ଯେ ବର୍ତମାନର ଡିଜିଟାଲ୍ ଯୁଗରେ ମୋବାଇଲ୍ ଓ ସ୍କ୍ରିନ୍ ଅତ୍ୟଧିକ ବ୍ୟବହାର ପିଲାମାନଙ୍କ ଆଖି ଓ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ପୁସ୍ତକ ପଠନ ଦ୍ୱାରା ହିଁ ପ୍ରକୃତ ଓ ପ୍ରାୟୋ ଜ୍ଞାନ ମିଳିଥାଏ। ତେଣୁ ଛାତ୍ରଛାତ୍ରୀମାନେ ମୋବାଇଲ୍‌ରେ ସମୟ ନଷ୍ଟ ନକରି ବହି ପଢ଼ିବାକୁ ବୈନନ୍ଦିନ ଜୀବନର ଅଂଶ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ମେଳାକୁ ଅଧିକ ସରସ ଓ ଆକର୍ଷଣୀୟ କରିବା ପାଇଁ ନଭେମ୍ବର ୨୧ ଓ ୨୩ ତାରିଖ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସଚରାଚର ଖାଦ୍ୟର ଫୁଡ୍ ଷ୍ଟଲ୍ ଖୋଲାଯିବ। ଏହାସହ ସନ୍ଧ୍ୟାରେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ପିଲାମାନଙ୍କ ସୃଜନଶୀଳତା ଓ ଜ୍ଞାନାର୍ଜନର ବିକାଶ ପାଇଁ ଏହି ଉଦ୍ୟମ ବେଶ୍ ସହାୟକ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

ଧର୍ମଶାଳା ସବର୍ଭାରତୀୟ ସିକୁ କପ କ୍ରିକେଟ ଟୁର୍ଣ୍ଣାମେଂଟ : ସେମିଫାନାଲରେ କେନ୍ଦୁଝର

ଧର୍ମଶାଳା,୨୩/ ୧୧(ନି/ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଏବଂ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ୧୧ତମ ସର୍ବଭାରତୀୟ ସିକୁ କପ କ୍ରିକେଟ ଟୁର୍ଣ୍ଣାମେଂଟର ଆଜି ଦ୍ୱାତର ଫାଇନାଲ ମ୍ୟାଚରେ ବିହାର ଟିମକୁ ପରାସ୍ତ କରି କେନ୍ଦୁଝର ଟିମ ସେମି ଫାଇନାଲରେ ପ୍ରବେଶ କରିଛି। ତେବେ ବାତ୍ୟା ଆକଭାନ ପ୍ରଭାବରେ ବର୍ଷା ଲାଗି ରହିବାରୁ ୧୯ ଓ ୨୦ ତାରିଖ ତୁଇ ଦିନ ପାଇଁ ଖେଳକଦ ରହିଥିଲା। ଆଜି ପାଗରେ ପରିବର୍ତନ ଆସିବା ଯୋଗୁଁ ମ୍ୟାଚ ଅନୁଷ୍ଠିତ କରିବାକୁ ଜମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା। ତେବେ ୩୦ ଓଭରର ପରିବର୍ତ୍ତେ ମ୍ୟାଚକୁ ୧୮ ଓଭର କରାଯାଇ ବିନ ୨ଟାରେ ଆରମ୍ଭ କରାଯାଇଥିଲା। ଆଜିର ସେମିଫାଇନାଲ ମ୍ୟାଚ ବିର୍ତ୍ତଜ ଟି୨୦ କ୍ରିକେଟ ଆସୋସିଏସନ ମାହାରାଷ୍ଟ୍ର ଓ ରାମଶ୍ୱର ଫାଇଟର୍ସ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କେନ୍ଦୁଝର ଟିମ ୪ଓଭରେଟରେ ବିହାର ଟିମକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ତେବେ କେନ୍ଦୁଝର ଟିମ ପକ୍ଷରେ ବ୍ୟାଟିଂ କରୁଥିବା ବେଳେ ଲାଟ ଅଭାବ ଯୋଗୁଁ ଖେଳ କିଛି ସମୟ ପାଇଁ ବନ୍ଦ ରହିଥିଲା । ପରେ ଜମିଟି ଓ ଖେଳାଳୀମାନଙ୍କ ସହ ଆଲୋଚନା ହେବା ପରେ ପୁଡ ଲାଇଟରେ କେନ୍ଦୁଝର ଟିମ ଖେଳିଥିଲା । ଏହି ମ୍ୟାଚରେ ବିହାର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ ଉଇକେଟ ହରାଇ ୧୨୬ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅମିତ ଜାବଦ ୫୬ ରନ ଓ ବିନେଶ କୁମାର ୩୧ ରନ ସଂଗ୍ରହ କରିଥିଲେ । ବିପକ୍ଷ କେନ୍ଦୁଝର ଟିମର ଅମର ଚୌଧୁରୀ ଓ ମନିଶ ସରଡ୍ୱାଲ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ କେନ୍ଦୁଝର ଟିମ ବ୍ୟାଟିଂ କରି ୧୫.୫ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ୧୨୯ ରନ ସଂଗ୍ରହ କରି ବିଜୟୀ ହୋଇଛି । ଦଳ ପକ୍ଷରୁ ଅଭିଶେକ ପାଠକ ୩୩ ରନ, କେଁଫ ଅହେମଦ ୩୩ ରନ ଓ ବିପକ ପୁନିଆ ୩୧ ରନ ସଂଗ୍ରହ କରିଥିଲେ । ବିପକ୍ଷ ବିହାର ଟିମର ଉମଦେୟାକ ଖାନ ୩ଟି ଓ ବିନେଶ କୁମାର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ଆଜି ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଭାବେ କେନ୍ଦୁଝର ଟିମର ଦୀପକ ପୁନିଆଙ୍କୁ ଘୋଷଣା କରାଯାଇଥିବା ବେଳେ ମଣ୍ଡଳ ସଭାପତି ଡାର୍ଥରାଜ ପଣ୍ଡା ଓ ଶିତୁଲି ଧୁର ଅତିଥି ଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ । ଆଜିର ମ୍ୟାଚକୁ ଆସୁଡୋଷ ପାଣି ଓ ଦାଲିପ ସାମଲ ପରିଚାଳନା କରିଥିଲେ । ବିକାଶ ଧଳ ଓ ଯଜ୍ଞାଦୀ ସାମଲ ସ୍କୋରରେ ସହାୟତା କରିଥିଲେ । ଆସନ୍ତା ଜାଲି ରବିବାର ଦ୍ୱିତୀୟ ସେମିଫାଇନାଲ ପାଇନାଲ ମ୍ୟାଚ କେଫ ଏକାଡେମୀ ବିହାର ଓ ଆଜିର ବିଜେତା ରାମେଶ୍ୱର ଫାଇଟର୍ସ ମହାନ୍ତି, ତପନ ରାଉତ,ପରମେଶ୍ୱର ସାମଲ, ପର୍ଶୁରାମ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ଖେଳକୁ ଉପଭୋଗ କରିବା ପାଇଁ ପଡିଆର ଚାରିପଟେ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିଥିଲା ।

ସ୍ୱାମୀ ହତ୍ୟା ଅଭିଯୋଗରେ ୨ ପ୍ରେମିକଙ୍କ ସହ ଜେଲ ଗଲେ ସ୍ତ୍ରୀ

ଉତ୍କଳ ବାଳାଶ୍ରମରେ ୨ ନାବାଳକ ସନ୍ତାନ



ସୋନପୁର,୨୩/ ୧୧(ନି/ପ୍ର): ସ୍ୱାମୀ ପୁବାମ ନାୟକ ହତ୍ୟାଷଡ଼ଯନ୍ତ୍ରରେ ପତ୍ନୀ ଜବିତା ନାଗ ଦୁଇ ପ୍ରେମିକଙ୍କ ସହ ଜେଲ ଯାଇଛନ୍ତି। ଫଳରେ ବର୍ତମାନ ତାଙ୍କୁ ୧୪ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ନିଃସହାୟ ହୋଇପଡ଼ିଛନ୍ତି। ଦୁଇପିରିପାଲି ଥାନାକୁ ସୂଚନା ପାଇ ଜିଲ୍ଲା 'ଚାଇଲ୍ଡ ହେଲ୍ପ ଲାଇନ୍' ଟିପିସି ସୁଜିତ ମିଶ୍ର, ଜାଇନସେଇର ସୁଧର ଦାଶ, ରାମପୁର ଥାନା ଆଇଆରସି ବିନୋଦିନ ବରିହା ଓ ଦୁଇପିରିପାଲି ଥାନା ଆଇଆରସି ଲୋକାଜିନ ପଟେଲ ଯାଇ ତୁର ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କ ଘରୁ ଗୋଟିଏ ସୁନା ନେଜଲେସ, ଚାରିଟି ଚୁଡ଼ି, ଦୁଇଟି କାନ ରିଙ୍ଗ, ୩ଟି ଜାନଫୁଲ, ଗୋଟିଏ ଲଙ୍କେଟ ସହିତ ବିଭିନ୍ନ ରୂପା ଅଳଙ୍କାର ଉଦ୍ଧାର କରାଯାଇଛି। ଏଥି ସହିତ ନଗଦ ୯୯ ହଜାର ୪୦୦ ଟଙ୍କା, ଚାରିଟି ବାମା ବଣ୍ଡ ଓ ଅନ୍ୟାନ୍ୟ ଦସ୍ତାବିଜ ମିଳିଛି। ସେପୁଡ଼ିକ ସହିତ ଉଭୟଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ଉଭୟଙ୍କୁ ବର୍ତମାନ ସୋନପୁର ସହରସ୍ଥିତ ଉତ୍କଳ ବାଳାଶ୍ରମରେ ଥିବାସ୍ଥାନ କରାଯାଇଥିବା ଜଣାଯାଇଛି।

ଜୟପୁର ପୌରାଂଚଳସ୍ତରିୟ ପରବ ପାଳନ ନେଇ ପ୍ରସ୍ତୁତି ବୈଠକ

ଜୟପୁର,୨୩/ ୧୧(ନି/ପ୍ର): ଜୋରାପୁଟ ଜିଲା ଜୟପୁର ପୌରାଂଚଳସ୍ତରିୟ ପରବ ନେଇ ଆଜି ପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ପୌର ସଭାସ୍ଥିତ ରେ ଆୟୋଜିତ ବୈଠକରେ ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରି ଶୁଭ୍ରା ପଣ୍ଡା, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଉପାଧକ୍ଷ ବି. ସୁନିତା, ଅତିରିକ୍ତ ପୌର କାର୍ଯ୍ୟନିବାହୀ ଅଧିକାରି ପୁଜା ରାଉତ, ଜୟପୁର ବ୍ଲକ ଖୋଷି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ, ସମାଜସେବି ସଞ୍ଜୟ ଜୈନ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୨୮ ତାରିଖରେ ଚଳିତ ବର୍ଷ ମା ଭଗବତୀଙ୍କ ମହିମାରେ ପୂଜା ଜନା କରାଯାଇ ମଣ୍ଡାଲ ଶୋଭାଯାତ୍ରା ଆରମ୍ଭ କରାଯିବ । ଏହି ଶୋଭାଯାତ୍ରା ଜୟପୁର ବଣ୍ଡାହରା ପଡିଆ ଠାରେ ପହଂଚିବ । ଶୋଭାଯାତ୍ରାରେ ନାଚ ଗୀତ ବାଜା ଶୋଭାଯାତ୍ରାରେ ସାମିଲ ହେବ । ସାଇଲୋଡି, ଆଦିବାସୀ ନୃତ୍ୟ, ବିଦ୍ୟାଳୟର ବାଜା, ବିଭିନ୍ନ ସଂଗଠନ କୁ ସାମିଲ କରାଯିବ । ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ ।

ଦାଦା ବଟି ଆଦାୟ ଅଭିଯୋଗରେ ୩ ଗିରଫ

ଜୟପୁର,୨୩/ ୧୧(ନି/ପ୍ର): ଦାଦାବଟି ଆଦାୟ ଅଭିଯୋଗରେ ୩ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ନୁଆଁସାହି ୪ର୍ଥ ଲାଇନ ସମିର ନାଗ (୨୨) ସୁଜିତ କୁମାର ହିଆଲ (୨୧) ପୁରୁଣା ମାଛ ବଜାର ରାସ୍ତାର ଅଭିଷେକ ସାହୁ (୨୩) । ପୋଲିସ ସୁତ୍ରରୁ ଜଣାପଡ଼ିଛି ନୁଆଁସାହି ୪ର୍ଥ ଲାଇନ ସମିର ନାଗ (୨୨) ସୁଜିତ କୁମାର ହିଆଲ (୨୧) ମାନେ ମୁଖ୍ୟ ରାସ୍ତାରେ ଅଟୋ ଚାଳକ ମାନଙ୍କୁ ପ୍ରତ୍ୟେକ ଦିନ ୫୦ ଟଙ୍କା ଲେଖାଏ ବଟି ଦେବାକୁ ଜୁରି ଦେଖାର ଦମକ ଦେଉଥିଲେ। ଏମିତି ଧମକ ରେ ଭୟଭୀତ ହୋଇ ୧୧ ଜଣ ଅଟୋ ଚାଳକ ୫୦ ଟଙ୍କା ଦେଖାଏ ଦେଉଥିବା ବେଳେ ଅନ୍ୟ ଏକ ଅଟୋ ଚାଳକପ ୫ ଶହ ଟଙ୍କା ଦାବି କରି ନେଇଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ୩ ଅଭିଯୁକ୍ତକୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଠାରୁ ଛୁରି ଓ ୫ ହଜାର ଟଙ୍କା ଜବତ କରିଛି ।

ଅଦିନିଆ ବର୍ଷାରେ ଉଜୁଡ଼ିଲା ଚାଷୀଙ୍କ ଧାନ ଫସଲ

କ୍ଷୟକ୍ଷତି ଆକଳନ ସହ ତୁରନ୍ତ କ୍ଷତିପୂରଣ ଦାବି କଲେ ବିଧାୟକ ସଂଜୀବ

ଭଦ୍ରକ,୨୩/ ୧୧(ନି/ପ୍ର):ଅଦିନିଆ ବର୍ଷା ଓ ବାତ୍ୟାଜନିତ ପବନ ଚାଷୀଙ୍କ ମୁହଁରୁ ଛଡ଼ାଇ ନେଇଛି ହସ। ଅମକ ସମୟରେ ବର୍ଷା ଜଳରେ ବୁଡ଼ି ରହିଛି ଏକର ଏକର ଧାନ ଫସଲ। ଫଳରେ ଚିନ୍ତାରେ ପଡ଼ିଛନ୍ତି ଭଦ୍ରାରିପୋଖରୀ ନିର୍ବାଚନମଣ୍ଡଳୀର ଚାଷୀବୁନ୍ଦ। ଧାନ ଚାଷ ଉପରେ ନିର୍ଭର କରି ଚଳୁଥିବା ଅନେକ ପରିବାର ଏବେ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଚାଷୀଙ୍କ ଏଭଳି ଦୁର୍ଦ୍ଦଶାକୁ ଗୁରୁତ୍ୱର ସହ ନେଇଛନ୍ତି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ। ଏନେଇ ଉତ୍ତର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟେଟ ସୋମେଶ କୁମାର ଉପାଧ୍ୟାୟଙ୍କୁ ଆଜି ଏକ ଲିଖିତ ଦାବିପତ୍ର ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ଷା ଓ ବାତ୍ୟାଜନିତ ପବନ ଯୋଗୁଁ ଭଦ୍ରାରିପୋଖରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଠିଆ ହୋଇଥିବା ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚାଷ ଜମିରେ ବର୍ଷା ପାଣି ଜମି ରହିବା ଫଳରେ ଚାଷୀମାନେ ଗୁରୁତର କ୍ଷତି ସହିବାକି। ଏଭଳି ସ୍ଥିତିରେ ତୁରନ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କ୍ଷତିଗ୍ରସ୍ତ ଚାଷ ଜମିର ସରଜମିନ ତଦନ୍ତ କରିବା ସହ କ୍ଷୟକ୍ଷତିର ସଠିକ୍ ଆକଳନ କରିବାକୁ ଉଦ୍ଧାରୀ ପୋଖରୀ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧକ୍ଷ ପୁଟୁଲୁ ଜେନା, ବିଧାୟକ ପ୍ରତିନିଧି ପ୍ରଶାନ୍ତ ଦାସ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀ ଧର ନାୟକ, ଉତ୍କଳ କେଶୋରି ମହାନ୍ତି , ବ୍ଲକ ସଭାପତି ଲକ୍ଷ୍ମୀ କାନ୍ତ ମହାନ୍ତି, ବରିଷ୍ଠ ନେତୃତ୍ୱ ସୁର ପାଲ, ସଞ୍ଜୀବ ପରିଡ଼ା, ଦୀପ୍ତି ସୂର୍ଯ୍ୟ ବିଶ୍ୱାଳ, ସନ୍ତୋଷ ନାୟକ, ଗିରିଧାରୀ ସାହୁ, ଧୀରେନ୍ଦ୍ର ଖୁଣ୍ଟାର, ବନମାଳୀ ବେହେରା, ସତ୍ୟାନନ୍ଦ ରାଉତ, ବୀରେନ୍ଦ୍ର ଜେନା, ବୀରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, ବିଶ୍ୱଜିତ୍ ମହାପାତ୍ର, ବିନେଶ ସାହୁ ପ୍ରମୁଖ ଦାବି କରିଛନ୍ତି । ଏଥିସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଶୀଘ୍ର ପ୍ରଦାନ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିର ସୁଧାର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଦାବି ହୋଇଛି। ଏବେ ଚାଷୀଙ୍କ ଆଖିରେ ଲୁହ, ମନରେ ଅଫୁରାନ୍ତି ଚିନ୍ତା। ଋଣ କରି ଚାଷ କରିଥିବା ଚାଷୀ ଫସଲ ନ

ବିବିଧା

ଆଜିର ରାଶିଫଳ

ମେଷ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ଘରେ ପୂଜାପାଠର ଆୟୋଜନ ହେବ। ବହୁ ଦିନର ଆଶା ପୂରଣ ହେବ।

ବୃଷ: ଜମିବାଡ଼ି କିଣିବା ଯୋଜନା କରିବେ। ଆଉଟି ଓ ବ୍ୟାଙ୍କ କ୍ଷେତ୍ରରେ ଜଡ଼ିତ ଜଣଙ୍କ ଦ୍ୱାରା ଲାଭ ହେବ। ଶୁଭ ସମାଚାର ମିଳିପାରେ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

ମିଥୁନ: ବ୍ୟବସାୟୀମାନେ ପରିଚିତଙ୍କୁ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଜଗତ୍ପିତା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

କର୍କଟ : ଦିନଟି ବ୍ୟସ୍ତତା ଭିତରେ ଜଟିଳ। ଛାତ୍ରଛାତ୍ରୀ ମଜ୍ଜାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

ସିଂହ: ଦିନଟି ସଫଳତାରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌତୁକି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ।

କନ୍ୟା: ବ୍ୟବସାୟୀଙ୍କୁ ଆଉକୁ ବଢ଼ାଇବାରେ ସଫଳ ହେବେ। ଗିଫ୍ଟ ଇଶ୍ୟୁରେ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ଦାମ୍ପତ୍ୟ ଜିବନରେ ପରିବାର ପାଇଁ ସମୟ ବାହାର କରିବେ।

ତୁଳା: ଦରିଦ୍ର ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମଜ୍ଜପଥରେ କୌତୁକି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ। ଆଶା ପୂରଣ ହୋଇପାରେ।

ବିଛା: ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଚଳିତାଚିତ୍ର ଜୀବନରେ ମନୋମାଳିନ୍ୟ ଆସିବ। ନ୍ତ୍ରୀର ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

ଧନୁ: କୌତୁକିସିନୁଆ ଜାମ ମିଳିବ। ନିବେଶ ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ଗୁରୁଜନଙ୍କ ପରାମର୍ଶକ୍ରମେ ଆଗକୁ ବଢ଼ିବେ।

ମକର: ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପସ୍ତୁତି ବଢିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ଅଦରି ରହିଥିବା କାର୍ଯ୍ୟ ପୂରଣ ହେବ। ବିବାହ ସ୍ଥିର ହେବା ସମ୍ଭାବନା ଅଛି।

କୁମ୍ଭ: ପରିବାରର ସହଯୋଗ ମିଳିବ। ବ୍ୟାଙ୍କରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ସରକାରୀ କାର୍ଯ୍ୟାଳୟ ପାଇଁ ଭଲ ସମୟ।

ମୀନ: କୌତୁକି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଢ଼ାଶୁଣାକୁ ସହ ମନୋମାଳିନ୍ୟ ଦେଖାଦେବ। ମହିଳାମାନଙ୍କୁ ପୁରୁଣା ବାସିନ୍ଦୁ ଜୁଲାଇବାକୁ ପଡ଼ିପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

ଭିନ୍ନ ଏକ ଗାଁ

ରାବଣକୁ ଜ୍ୱାଇଁ ପରି ସମ୍ମାନ



ମହାକାବ୍ୟ ରାମାୟଣରେ ରାବଣକୁ ଖଳ ଚରିତ୍ର ଭାବେ ଅବତାରଣା କରାଯାଇଛି। ସେଥିପାଇଁ ଦଶହରା ଅବସରରେ ଆମଦେଶରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଅନୁଷ୍ଠିତ ହୁଏ। ହେଲେ ଏମିତି ଏକ ଗାଁ ଅଛି, ଯେଉଁଠି ରାବଣକୁ ଜ୍ୱାଇଁ ପରି ଚର୍ଚ୍ଚା କରାଯାଏ। ସେହି ସ୍ଥାନଟି ହେଲା, ମଧ୍ୟପ୍ରଦେଶ, ମନ୍ଦସୌର ଜିଲ୍ଲାର ଖାନପୁରା ଅଞ୍ଚଳର ରୁଣ୍ଡ ଗାଁ। ଏହି ଗାଁକୁ ରାବଣର ଶ୍ୱଶୁର ଘର ବୋଲି କୁହାଯାଏ। ଯଦିଓ ଏନେଇ ବିଭିନ୍ନ ଭାବେ କିଛି ପ୍ରମାଣ ନାଇଁ କିନ୍ତୁ ଗାଁର ପୁରୁଷା ଲୋକ ମନ୍ଦସୌରକୁ ମାମୋତାରିଙ୍କ ନାଁ ସହିତ ଯୋଡ଼ିଥାନ୍ତି। ସେଥିପାଇଁ ଏହି ଗାଁ ରାବଣକୁ ଜ୍ୱାଇଁ ଭଳି ଦେଖିଥାଏ। ଏଠାରେ ରାବଣର ୨୦୦ ଫୁଟ୍ ଉଚ୍ଚର ଏକ ପ୍ରତିମା ରହିଛି। ଏଠାକାର ଲୋକେ ପ୍ରତ୍ୟେକ ଶୁଭକାର୍ଯ୍ୟ ପୂର୍ବରୁ ଏହି ମୂର୍ତ୍ତିକୁ ପୂଜା କରିଥାନ୍ତି। ସେହିଭଳି ଗାଁର ମହିଳା ଦିନ। ଓଡ଼ଶାରେ ରାବଣ ପ୍ରତିମା ସାମ୍ନାକୁ ଯାଇ ନ ଥାନ୍ତି। ମାନ୍ୟତା ରହିଛି ଯେ, ରାବଣ ପ୍ରତିମାର ପାଦରେ ଜଳା ସୂତା ବାନ୍ଧିବା ଦ୍ୱାରା ସମସ୍ତ ପ୍ରକାର ରୋଗ ଦୂର ହୋଇଥାଏ। ଏଠାରେ ଦଶହରାଦିନ ମହିଳାମାନେ ରାବଣର ପାଦରେ ଜଳା ସୂତା ବାନ୍ଧନ୍ତି। ଗାଁରେ ରହୁଥିବା ନାମଦେବ ସମାଜର ଲୋକଙ୍କ ଜରିବାନୁସାରେ, ଖାନପୁରାରେ ୨୦୦ ବର୍ଷର ରାବଣ ପ୍ରତିମା ରହିଥିଲା। ହେଲେ ୨୦୦୬ରୁ ୨୦୦୭ ମଧ୍ୟବର୍ତ୍ତୀ ସମୟରେ ବକ୍ରପାତ ଯୋଗୁଁ ଏହି ପ୍ରତିମା ଖଣ୍ଡିତ ହୋଇଯାଇଥିଲା। ଏଥିପରେ ପୌରାଣିକ ରାବଣର ଅନ୍ୟ ଏକ ପ୍ରତିମୂର୍ତ୍ତି ଏଠାରେ ସ୍ଥାପନା କରିଥିଲେ। ନୂତନ ରାବଣ ପ୍ରତିମାର ଉଚ୍ଚତା ପାର୍ଶ୍ୱରେ ୪୪ ମୁଣ୍ଡ ଏବଂ ଗୋଟିଏ ମୁଖ୍ୟ ମୁଣ୍ଡ ରହିଛି। ମୁଖ୍ୟ ମୁଣ୍ଡ ଉପରେ ଗଧମୁଣ୍ଡ ରହିଛି। ବୟସଙ୍କ କବିତାନୁସାରେ, ରାବଣର ବୁଦ୍ଧିଭ୍ରଷ୍ଟ ହୋଇଯାଇଥିବାରୁ ଏହି ଖରାପ ମୁଖକୁ ଦର୍ଶାଇବାକୁ ପ୍ରତିମାରେ ଗୋଟିଏ ଗଧର ମୁଣ୍ଡ ଲଗାଯାଇଛି। ଏହି ଗାଁରେ ପ୍ରତିବର୍ଷ ଦଶହରା ଦିନ ନାମଦେବ ସମାଜର ଲୋକ ରାବଣ ପ୍ରତିମା ସମ୍ମୁଖରେ ପୂଜାର୍ଚ୍ଚନା କରନ୍ତି। ଲଙ୍କେଶ ରାଜଙ୍କ ଅହଙ୍କାର ଥିବା ସତ୍ତ୍ୱେ ପ୍ରଚଣ୍ଡ ବିଦ୍ୱାନ ଥିବାରୁ ଗ୍ରାମବାସୀ ଶ୍ରଦ୍ଧାର ସହ ପୂଜା କରୁଥିବା କଥା କୁହନ୍ତି।

'ଆମା'ର ସୁଟିଂ ଆରମ୍ଭ କଲେ ରଶ୍ମିକା



ଜାତୀୟ କ୍ରସ୍ ରଶ୍ମିକା ମନ୍ଦାନା 'ଆମା'ର ସୁଟିଂ ପୂଜାରେ ଆରମ୍ଭ କରିଛନ୍ତି। ଦେଢ଼ ମାସ ପୂର୍ବରୁ ଏହାର ପୁଟିଂ ସମ୍ପନ୍ନରେ ରଶ୍ମିକାଙ୍କ ଗୋଡ଼ରେ ଗରାର ଆଘାତ ଲାଗିଥିଲା। ଏଥିଯୋଗୁଁ ଫିଲ୍ମର ସୁଟିଂକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଏବେ ସୁସ୍ଥ ହୋଇ ସେ ଫିଲ୍ମାରେ ମିଳିତ ସୁଟିଂ ଆରମ୍ଭ କରିଛନ୍ତି। ଏଥାରେ ପୁଟିଂ ଯୋଡିବା ପରେ 'ଆମା' ଟିମ୍ ପରବର୍ତ୍ତୀ ସୁଟ୍ ପାଇଁ ଉଟି ଯିବ। ଏହାର ପ୍ରଯୋଜନା ବାସିନ୍ଦୁରେ ଅମାନ କୌଶିକ୍ ଅଛନ୍ତି। ଅପ୍ରେକ୍ ସୁଦ୍ଧା ଫିଲ୍ମର ସୁଟିଂ ସାରିବା ପାଇଁ ସେ ରକ୍ଷ୍ୟ ରଖିଛନ୍ତି।

ଏଥିରେ ରଶ୍ମିକାଙ୍କ ସହ ଆସ୍ତ୍ରସ୍ଥାନ ଖୁରାନା ଲିଡ୍ ରୋଲରେ ନଜର ଆସିବେ। ପରେଶ ରାୱଲ ଓ ନଗ୍ନାଜୁବିନ୍ ପିଦିବି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହା ଆସନ୍ତା ଦୀପାବଳି ଅବସରରେ ରିଲିଜ୍ ହୋଇପାରେ ବୋଲି ଜଣାଯାଇଛି।

ଖୁସି ଓ ଉତ୍ସାହର ଓଡ଼ିଆ ଓଡ଼ିଶିରେ ଓଡ଼ିଶା



ଛୋଟ ପିଲାମାନଙ୍କୁ କାର୍ଟୁନ୍ ଶୋ'ଗୁଡ଼ିକ ବେଶ୍ ଆକର୍ଷିତ କରିଥାଏ। ଏହି କାର୍ଟୁନ୍ ଚରିତ୍ରଗୁଡ଼ିକ ପିଲାମାନଙ୍କର ମନରେ ଖୁସୀର ପ୍ରଭାବ ପକାଇଥାନ୍ତି। ତେବେ ମିକି ମାଉସ୍, ଟୁପି, ମିନି ମାଉସ୍ ଆଦି କାର୍ଟୁନ୍ ଚରିତ୍ରଗୁଡ଼ିକ ହାତରେ ଧରା ରଙ୍ଗର ଗ୍ଲୋବସ୍ ପିନ୍ଧିଥିବାର ଦେଖାଯାଏ। ତେବେ କାର୍ଟୁନ୍ ଚରିତ୍ରଗୁଡ଼ିକ ଏପରି ଗ୍ଲୋବସ୍ ପିନ୍ଧିବାର କାରଣ ଅନେକ ଜାଣି ନ ଥିବେ। କାର୍ଟୁନ୍ ଡିଜାଇନ୍‌ଗୁଡ଼ିକ ଜଟିଳ ନ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥାଏ। ପୂର୍ବରୁ କାର୍ଟୁନ୍ ଚରିତ୍ରଗୁଡ଼ିକ ଏଭଳି ଗ୍ରାଫିକ୍ସରେ ଡିଆରି କରାଯାଉ ନ ଥିଲା। ପ୍ରତ୍ୟେକ ସର୍ଟ ପାଇଁ କାର୍ଟୁନ୍‌ଗୁଡ଼ିକର ସ୍କେଚ୍ ନିର୍ମାଣ କରାଯାଉଥିଲା। ଶରୀରର ଅଲଗା ଅଲଗା ଅଂଶର ଡିଜାଇନ୍ କରିବା ସେତେବେଳେ ବେଶ୍ ଦକ୍ଷତାର ଥିଲା। ଏଥେର ଦ୍ୟୁ ଘାର୍ଡ ବିଟର ଆନିମେସନ୍ ପ୍ରପେସର ଜନ୍ ଜେନ୍‌ମେକରଙ୍କ ଜରିବା ମନ୍ତ୍ରଯାତ୍ରା, 'ପୂର୍ବରୁ କାର୍ଟୁନ୍ ଚରିତ୍ରଗୁଡ଼ିକର କୋଣଗୁଡ଼ିକୁ ମୁନିଆ କରିବା ପରିବର୍ତ୍ତେ ଗୋଲ୍ କରି ଦିଆଯାଉଥିଲା। କାରଣ ତାହା କରିବା ସହଜ ଥିଲା। ସେତେବେଳେ କାର୍ଟୁନ୍ ଚରିତ୍ରଗୁଡ଼ିକ ଆଜି ଭଳି ରଙ୍ଗିନ୍ ନ ଥିଲା। ଜଳାଧାରା ଥିଲା। ସେତେବେଳେ ହାତର ରେଖା, ଶିରା ପ୍ରଶିରା, ଅଙ୍ଗୁଳି ଆଦି ଆଙ୍କିବା ବେଶ୍ କଷ୍ଟକର ଥିଲା। ତେଣୁ କାର୍ଟୁନ୍ ଚରିତ୍ରଗୁଡ଼ିକୁ ଗ୍ଲୋବସ୍ ପିନ୍ଧାର ଦିଆଯାଉଥିଲା। ଏହାବାଦ୍ ହାତରୁ କଳା ଶରୀରରୁ ଅଲଗା ଦେଖାଇବା ଉଦ୍ଦେଶ୍ୟରେ ଧଳା ଗ୍ଲୋବସ୍ ପିନ୍ଧାଇ ଯାଉଥିଲା। "ପ୍ରଥମେ ୱାଲ୍ଟ୍ ଡିଜ୍‌ନୀ ତାର କାର୍ଟୁନ୍ ଚରିତ୍ର ମିକି ମାଉସ୍‌କୁ ହାତରେ ଗ୍ଲୋବସ୍ ପିନ୍ଧାଇବାର ଦେଖାଯାଇଥିଲା। ଏଜେଇ ସେତେବେଳେ ୱାଲ୍ଟ୍ ଡିଜ୍‌ନୀ ପ୍ରତିକ୍ରିୟା ରଖିଥିଲେ ଯେ, ସେ କାର୍ଟୁନ୍ ଚରିତ୍ରଗୁଡ଼ିକୁ ମଣିଷ ଭଳି ଦେଖାଉବାକୁ ଇଚ୍ଛା କରୁଥିଲେ। ମିକି ମାଉସ୍‌କୁ ସେ ମୂଖ୍ୟମାନଙ୍କ ପରି ହାତ ଦେବାକୁ ଚାହିଁ ନଥିଲେ। ତେଣୁ ସେ ତାକୁ ଗ୍ଲୋବସ୍ ପିନ୍ଧାଇ ଦେଇଥିଲେ। ଆଉ ଏହି ଧାରା ଏଯାବତ୍ ରହିଛି। 'ଜଣି ମାଉ ଦ କାର୍ଟୁନେସ୍' ଭଳି କାର୍ଟୁନ୍‌ଗୁଡ଼ିକ ଏବେବି ହାତରେ ଗ୍ଲୋବସ୍ ପିନ୍ଧିଥିବାର ଦେଖାଯାଇଛି।

ଆଜିର ଇତିହାସ

- ୧୬୭୪- ଇଂଲଣ୍ଡ ସ୍ଲେଭ୍ ବିରୋଧରେ ପ୍ରଥମ ଘୋଷଣା କଲା।
- ୧୮୦୧- ଫ୍ରେଟ୍ ବ୍ରିଟେନ୍‌ରେ ପ୍ରଥମ ଥର ଜନଗଣନା ଆରମ୍ଭ ହେଲା।
- ୧୯୫୭- ସାମାଜ ସଂସ୍କାରିକା ସାବିତ୍ରୀବାଈ ଫୁଲେଙ୍କ ଦେହାନ୍ତ।
- ୧୯୪୫- ଜଗ୍ରେସ ଦେଡା ମାଧବରାଓ ସିନ୍ଧିଆଙ୍କ ଜନ୍ମ।
- ୨୦୦୩- ଉତ୍ତର କୋରିଆ କ୍ରୁଜ୍ ମିସାଇଲ ପରୀକ୍ଷା କଲା।
- ୨୦୧୦- ରାଜ୍ୟସଭାରେ ମହିଳା ଆରକ୍ଷଣ ବିଧେୟକ ପାରିତ ହେଲା।

ଗୀତାବାଣୀ



ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ।
ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ॥

ହେ ଅର୍ଜୁନ! ଅଧିକ ଖାଉଥିବ ଓ ଆଦୌ ଖାଉ ନ ଥିବା ତଥା ଅଧିକ ଶୋଉଥିବା ଓ ଆଦୌ ଶୋଉ ନ ଥିବା ବ୍ୟକ୍ତିର ଏହି ଯୋଗ ସିଦ୍ଧ ହୁଏ ନାହିଁ।

(ଷଷ୍ଠୋଽଧ୍ୟାୟଃ- ଶ୍ଲୋକ-୧୬)

ଜାଣନ୍ତି କି

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **ଯାତ୍ରାଙ୍ଗୀ ମହାସ୍ନାନ**। ଯାତ୍ରା ସମୟରେ କରାଯାଉଥିବା ଅଙ୍ଗସ୍ନାନକୁ ଯାତ୍ରାଙ୍ଗୀ ମହାସ୍ନାନ କୁହାଯାଏ। ଠାକୁରମାନେ ଯାତ୍ରା ସମୟରେ ବାହାରକୁ ବିଜେ କରନ୍ତି। ଭକ୍ତ ଓ ଶ୍ରଦ୍ଧାଳୁମାନେ ତାଙ୍କୁ ସ୍ପର୍ଶ କରିଥାଇପାରନ୍ତି। ଏଣୁ ଅଣୋଚ ସ୍ପର୍ଶ ନିବାରଣ ପାଇଁ କରାଯାଉଥିବା ସ୍ନାନ ବିଧିକୁ ଯାତ୍ରାଙ୍ଗୀ ମହାସ୍ନାନ ବୋଲି କୁହାଯାଏ।

ହୋଲିକା ଦହନରେ ଘଷିଜଳା ପରମ୍ପରା

ପାଖେଇ ଆସିଲାଣି ରଙ୍ଗର ପର୍ବ ହୋଲି। ପୂରା ଦେଶରେ ଏହାକୁ ବେଶ୍ ଧୁମ୍ଧାମ୍‌ରେ ପାଳନ କରାଯାଏ। ପୌରାଣିକ ଆଖ୍ୟାନ ଅନୁସାରେ, ହୋଲିର ଦିନକ ପୂର୍ବରୁ ହୋଲିକା ମାତାଙ୍କ ପୂଜା କରାଯାଏ। ତେବେ ହୋଲିକା ଦହନ ସହିତ ସମସ୍ତ ପାପ ନାଶ ହୋଇଥାଏ ବୋଲି କୁହାଯାଏ। ତେବେ ହୋଲିକାର ଅଗ୍ନିରେ କିଛି ଏଭଳି ଜିନିଷ ଜଳାଯାଏ, ଯାହାର ବିଶେଷ ମହତ୍ତ୍ୱ ଜ୍ୟୋତିଷ ଶାସ୍ତ୍ରରେ ବି ଅଛି। ସେଥିରୁ ଅନ୍ୟତମ ଗୋବର ଘଷି। ହୋଲିକା ଦହନରେ ଶୁଷ୍କ ଗୋମୟକୁ କାହିଁକି ବ୍ୟବହାର କରାଯାଏ, ସେ ସମ୍ପର୍କରେ ଜାଣିବା।

- ହୋଲିକା ଦହନରେ ଗୋବର ଘଷି ଜଳିବାର ବିଶେଷ ପରମ୍ପରା ଅଛି।
- ଏହିଦିନ ମହିଳାମାନେ ଗୋବର ଘଷି ମାଳା ନିଆରି କରି ହୋଲି ଜମରେ ବଡ଼ାଲା ପୂଜା କରନ୍ତି।
- ପ୍ରଥମେ ଗୋବରକୁ ଶୁଖାଇ ଘଷି ତିଆରି କରାଯାଏ। ଏହାପରେ ସୂତାରେ ଗୋବର ଘଷି ମାଳା ତିଆରି କରାଯାଏ।
- ଗୋବର ଘଷି ଶୁରର ପ୍ରତୀକ। ଏହାକୁ ଜଳାଇବା ଦ୍ୱାରା ଏଥିରୁ ଯେଉଁ ଧୂଆଁ ନିର୍ଗତ ହୁଏ, ତାହା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ଏହି କାରଣ ଯୋଗୁଁ ମଜ୍ଜ ଓ ବାତାବରଣ ମଜ୍ଜାଳଭ ମଧ୍ୟରେ ଅନ୍ୟତମ ଗୋମୟର ବ୍ୟବହାର କରାଯାଏ।
- ସେହିପରି ଏହାକୁ ଜାଳିବା ଦ୍ୱାରା ଘରର ସମସ୍ୟା ଦୂର ହୋଇଥାଏ।
- ଘରର ବାତାବରଣ ଶୁଦ୍ଧ ହୋଇଥାଏ।



ମୀନକୁ ଯିବେ ଶନି

ହୋଲିର ଠିକ୍ ୨୫ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୯ ତାରିଖରେ ଶନି ନିଜର ରାଶି ପରିବର୍ତ୍ତନ କରିବେ। ଏହିଦିନ ଶନି ନିଜ କୁମ୍ଭ ରାଶିରୁ ମୀନ ରାଶିକୁ ପ୍ରବେଶ କରିବେ। ଏଥିରୁ ପ୍ରଭାବିତ ତିନି ରାଶିଙ୍କୁ ଶୁଭ ଫଳ ପ୍ରାପ୍ତି ହେବ।

ଜର୍ଜର: ଶନିଙ୍କ ଗୋଚରର ପରେ ଦର୍ଘ ଧନୀମାନ ଜର୍ଜର' ରାଶିଙ୍କୁ ଶୁଭଫଳ ମିଳିବ। ସମାଜରେ ମାନ ସମ୍ମାନ ବଢ଼ିବ। ଧନଲାଭ ଯୋଗ ରହିଛି। ଅଟକି ରହିଥିବା କାର୍ଯ୍ୟ ଶୀଘ୍ର ପୂରଣ ହେବ। ଘରେ ସୁଖ-ଶାନ୍ତିର ପରିବେଶ ବଜାୟ ରହିବ।

ବୃଷ: ବ୍ୟାପିରିଯର ଓ ବ୍ୟବସାୟରେ ଲାଭ ହେବ। ପୁରୁଣା ନିବେଶରୁ ଲାଭ ମିଳିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ପ୍ରାପ୍ତି ହେବ। ଚାକିରିଆଙ୍କ ପଦୋନ୍ନତି ହେବ ଏବଂ ଇଚ୍ଛାପୂରଣ ହେବା ସମ୍ଭାବନା ରହିଛି। ଦୂର ସ୍ଥାନକୁ ଯାତ୍ରା ହେବ।

ମକର: ଶନି ସାଢ଼େ ସାତିରୁ ମୁକ୍ତି ମିଳିବ। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦୂର ହେବ। ନୂଆ କାମ ଆରମ୍ଭ କରିବା ପାଇଁ ଏହା ଭଲ ସମୟ। ଧନ ଲାଭ ହେବ। ଯୌଜନ୍ତିକ ଜାର୍ଯ୍ୟରେ ମାନାଜିଲାଭ ପୂର୍ଣ୍ଣ ସହଯୋଗ ମିଳିବ।

ହୋଲି ହେଉଛି ରଙ୍ଗ ବେରଙ୍ଗର ଏମିତି ଏକ ପର୍ବ, ଯାହାକି ରଙ୍ଗ ମେଳ ସହ ମନୁଷ୍ୟତାର ମେଳକୁ ଦର୍ଶାଏ। ଏହାକୁ ସବୁ ଧର୍ମର ଲୋକ ପୂରା ଆନନ୍ଦ ଓ ଉତ୍ସାହର ସହ ପାଳନ କରନ୍ତି। ପ୍ରେମର ରଙ୍ଗରେ ପୂର୍ଣ୍ଣ ଏହି ପର୍ବ ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ, ଜାତିର ବନ୍ଧନକୁ ମୁକ୍ତ କରି ଭାଇଚାରାର ବାର୍ତ୍ତା ପ୍ରଦାନ କରେ। ରାଧା କୃଷ୍ଣଙ୍କ ଅପ୍ରାକୃତ ପ୍ରେମ ଲୀଳାର ଅଂଶ ହେଉଛି ରଙ୍ଗ ଖେଳ।



ରାଧାକୃଷ୍ଣଙ୍କ ରଙ୍ଗ ଖେଳ

ମଥୁରାରେ କୃଷ୍ଣ ଜନ୍ମ ହୋଇଥିବା ନେଇ ବୃନ୍ଦାବନରେ ବଢ଼ ହୋଇଥିଲେ। ତେବେ କୃଷ୍ଣ ଶ୍ୟାମାଙ୍ଗ ବର୍ଣ୍ଣ ହୋଇଥିବାରୁ ସେ ଅନ୍ୟମାନଙ୍କଠାରୁ ନିଜକୁ ଅଲଗା ଭାବନ୍ତି। ଶ୍ରୀକୃଷ୍ଣଙ୍କ ଭାଗ୍ୟେ ତାଙ୍କ ରଙ୍ଗ ଯୋଗୁଁ ରାଧା କି ଅନ୍ୟ ଗୋପୀମାନେ ତାଙ୍କୁ ଉଲଯାଇପାରେ ନାହିଁ। ତାଙ୍କର ଏଭଳି ଚିନ୍ତାକୁ ଦେଖି ଯଶୋଦା, ଶ୍ରୀକୃଷ୍ଣଙ୍କୁ କହିଲେ ରାଧାଙ୍କଠାରେ ନିଜ ପସନ୍ଦର ରଙ୍ଗ ଜୋଚିବାକୁ।

ନନ୍ଦଗ୍ରାମରୁ କୃଷ୍ଣ ରଙ୍ଗ ଧରି ରାଧା ଓ ଅନ୍ୟ ଗୋପୀମାନଙ୍କୁ ରଙ୍ଗ ପକାଇବାକୁ ଯାଆନ୍ତି। କୃଷ୍ଣଙ୍କ ଏଭଳି କାମରେ ରାଧା ଓ ଅନ୍ୟ ଗୋପୀମାନେ ବାଡ଼ି ଧରି ଖୋଡ଼ାନ୍ତି। ଏହିପରି ଭାବେ ରାଧାକୃଷ୍ଣଙ୍କ ମଧ୍ୟରେ ଅଲୌକିକ ପ୍ରେମ ସୃଷ୍ଟି ହେବା ସହ ହୋଲି ଖେଳର ପ୍ରାରମ୍ଭ ହୋଇଥିବା କୁହାଯାଏ। ଆଉ ସେବିନଟି ଥିଲା ପବିତ୍ର ଫାଲ୍‌ଗୁନ ପୂର୍ଣ୍ଣିମା।

ଖରପଲ ସମାଗରୁ

ସମ୍ପାଦକୀୟ...

ମଙ୍ଗଳବାର ୨୨ ନଭେମ୍ବର ୨୦୨୬

କଡ଼ା ସନ୍ଦେଶ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି.ଜି ଦିନ ତଳେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ଦେଶର ଆର୍ଥିକ ସ୍ୱାର୍ଥକୁ ବୃଦ୍ଧିରେ ରଖି କେତେକ ମହତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ବୈଦେଶିକ ମୁଦ୍ରା ସଂଚୟ ଏବଂ ଆମଦାନୀ ହ୍ରାସ ନିମନ୍ତେ ଏହି ପରାମର୍ଶ ଉଦ୍ଦିଷ୍ଟ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନିହାତି ଆବଶ୍ୟକ ନଥିଲେ ବିଦେଶ ଗସ୍ତରେ ଯିବା ଉଚିତ ନୁହେଁ। ପେଟ୍ରୋଲ ଓ ଡିଜେଲ ତଥା ରନ୍ଧନ ଗ୍ୟାସ ବା ଏଲପିଜି ବ୍ୟବହାର ହ୍ରାସ କରିବା, ଖାଇବା ତେଲ ବ୍ୟବହାର ୧୦% ଜମାଇବା ଏବଂ ରାସାୟନିକୀ।ରେ ପରିବର୍ତ୍ତେ ଜୈବିକ ସାର ବ୍ୟବହାରକୁ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ସହିତ ବର୍ଷକ ପାଇଁ ସୁନା କିଣିବା ବନ୍ଦ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏସବୁର ଉଦ୍ଦେଶ୍ୟ ହେଲା ଆମଦାନୀ ହ୍ରାସ କରିବା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଏବଂ ଏଲପିଜି ଦର ଅତି ମାତ୍ରାରେ ବୃଦ୍ଧି ପାଇଛି। ଏହାର ଆମଦାନୀ ବାବଦରେ ଆମକୁ ବିପୁଳ ବୈଦେଶିକ ମୁଦ୍ରା ବା ଡଲାର ବ୍ୟୟ କରିବାକୁ ପଡୁଛି। ସାରଠାରୁ ଆରମ୍ଭ କରି ସୁନା ଏବଂ ଜାଲରା ତେଲ ଆମଦାନୀରେ ମଧ୍ୟ ଆମକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଜାଗଣ ଭାରତରେ ଏହାର ଉତ୍ପାଦନ ଯଥେଷ୍ଟ ହେଉଥିଲେ ମଧ୍ୟ ବେଢ଼ ଶହ କୋଟି ଲୋକଙ୍କ ଚାହିଦା ପୂରଣ ନିମନ୍ତେ ଏହା ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ମଧ୍ୟ ସମ୍ଭବ ନୁହେଁ। ତେଣୁ ଏହାର ବ୍ୟବହାରକୁ ହ୍ରାସ କରି ଆମେ କେବଳ ଏହାର ଆମଦାନୀକୁ ହ୍ରାସ କରିପାରିବା। ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇ ଅଧିକରୁ ଅଧିକ ଫଂଖ୍ୟାରେ ଇଭି ବ୍ୟବହାର କରିବା ଏବଂ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାର ସର୍ବାଧିକ ଉପଯୋଗ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାର ଯଥାର୍ଥତା ରହିଛି ଏବଂ ଅନେକ ଏହାକୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେବାର ୫ ଦିନ ପରେ ୫ ଦିନିଆ ବିଦେଶ ଗସ୍ତରେ ଚାଲିଗଲେ। ଏହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ଅନ୍ୟମାନଙ୍କୁ ବିଦେଶ ଗସ୍ତରେ ନଯିବା ପାଇଁ ପରାମର୍ଶ ଦେବର ନିଜେ ଜିପରି ବିଦେଶ ଚାଲିଗଲେ ବୋଲି ନିନ୍ଦୁକମାନେ ପ୍ରଶ୍ନ କରିଛନ୍ତି। ସେମାନେ ହୁଏତ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶର ଅର୍ଥ ବୁଝି ନାହାଁନ୍ତି କିମ୍ବା ସବୁ ବୁଝି ଜାଣିଶୁଣି କେବଳ ମୋଦିଜୀଙ୍କୁ ନିନ୍ଦା କରିବା ନିମନ୍ତେ ଏଭଳି କଥା କହୁଛନ୍ତି। ଅଥବା ସେମାନଙ୍କର ସାଧାରଣ ଜ୍ଞାନ ନାହିଁ। ସେମାନେ ହୁଏତ ମୋଦିଜୀଙ୍କ ସଫଳତାରେ ଇର୍ଷାନ୍ୱିତ ହୋଇ ଏପରି କହୁଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବ୍ୟକ୍ତିଗତ ଭାବେ ନିହାତି ଜରୁରୀ ନଥିଲେ କେହି ବିଦେଶ ଗସ୍ତରେ ଯାଆନ୍ତୁ ନାହିଁ। ଏବେ ପ୍ରଧାନମନ୍ତ୍ରୀ ସରକାରୀ ଗସ୍ତରେ ବିଦେଶ ଯାଇଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ଗସ୍ତ ନୁହେଁ। ଏହି ଗସ୍ତରେ ସେ ଅନେକ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ସହ ଆଲୋଚନା କରି ବହୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି କରିବାରେ ସଫଳ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ୟୁଏଇ ସହିତ ଭାରତର ତେଲ ଏବଂ ଏଲପିଜି ଚୁକ୍ତି। ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ତେଲ ସଂରକ୍ଷଣ ଭଣ୍ଡାର ନିର୍ମାଣ ଏବଂ ଅଧିକ ପେଟ୍ରୋଲିୟମ ସଂରକ୍ଷିତ ରଖିବାକୁ ୟୁଏଇ ଭାରତକୁ ଅଶୋଧିତ ତୈଳ ଯୋଗାଇବ। ପ୍ରଧାନମନ୍ତ୍ରୀ ୟୁଏଇ ଗସ୍ତରେ ଯାଇନଥିଲେ ଏହା କିପରି ସମ୍ଭବ ହୋଇଥାଆନ୍ତା ? ଅନେକ ମୋଦିଜୁ ବିଦେଶ ନୀତି ବିଫଳ ବୋଲସି କହୁଛନ୍ତି। କିନ୍ତୁ ମୋଦିଜୀ ୟୁରୋରେ ଯେପରି ଭାରତର ପ୍ରଭାବ ପ୍ରମାଣିତ ଭଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ବିମାନ ଭଡ଼ା ବଢାଇବାକୁ ଭାରତର ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉ ନାହାଁନ୍ତି ଏହି ବାର୍ତ୍ତା ବାହାରକୁ ଯିବା କ'ଣ ଉଚିତ ହେବ ? ଯେଉଁମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତ ନେଇ ପ୍ରଶ୍ନ ଉଠାଉଛନ୍ତି ସେମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତ ସମ୍ପର୍କରେ ନିରବ କାହିଁକି ? ରାହୁଲ କୌଣସି ପଦପଦବୀରେ ରହି ନାହାଁନ୍ତି। ଗତ ୨୨ ବର୍ଷ ଭିତରେ ସେ ବ୍ୟକ୍ତିଗତ ଭାବେ ୫୪ଥର ବିଦେଶ ଗସ୍ତରେ ଯାଇଛନ୍ତି। ଏ ବାବଦରେ ପ୍ରାୟ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତାଙ୍କ ବାର୍ଷିକ ଆୟ ପ୍ରାୟ ୧ କୋଟି ଟଙ୍କା। ତେଣୁ ୬୦ କୋଟି ଟଙ୍କା ସେ କେଉଁଠୁ ଆଣିଲେ ଏବଂ କାହିଁକି ସେ ଏତେଥର ବିଦେଶ ଗସ୍ତରେ ଯାଇଛନ୍ତି ? ତାଙ୍କର ଗ୍ରୁପ୍ ବିଦେଶ ଗସ୍ତ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ସେଠାରେ ସେ କାହାକୁ ଭେଟିଲେ, କାହା ସହିତ କ'ଣ ଆଲୋଚନା କଲେ ସେ ସମ୍ପର୍କରେ କିଛି ବିବରଣୀ ନାହିଁ। ବିଦେଶରେ ପଟଚାରୀକା ହୋଟେଲରେ ରହିବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ କିଏ ବହନ କରିଛି, କାହିଁକି ବହନ କରିଛି, ଏହା ପ୍ରତିବଦଳରେ ରାହୁଲ ତାଙ୍କୁ କିପରି ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି ତାହାର ଉତ୍ତର ମିଳିବା ଆବଶ୍ୟକ। ରାହୁଲ ଗାନ୍ଧି ଭାରତରେ ମଧ୍ୟ ରାଜନୈତିକ କାର୍ଯ୍ୟକ୍ରମରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ଏହା କେଉଁଠୁ ଆସୁଛି ? ଗତ ୩। ତାରିଖରେ ରାହୁଲ ଓମାନ ଯାଇଥିଲେ। ଯୁଦ୍ଧ ସମୟରେ ସେ କାହିଁକି, କାହାକୁ ଭେଟିବାକୁ ଓମାନ ଯାଇଥିଲେ ତାହା ପ୍ରଶ୍ନବାଚୀରେ। ଏହାର ୧୦ ଦିନ ପରେ ଓମାନ ଉପକୂଳରେ ଭାରତୀୟ ଜାହାଜ ଉପରେ ଆକ୍ରମଣ ହେଲା। ଏହା ଜାକତାଳିକ ନା ଏକ ଗଭୀର ଷଡ଼ଯନ୍ତ୍ରର ଅଂଶ ? ରାହୁଲ ଯେତେବେଳେ ବି ବିଦେଶ ଗସ୍ତରେ ଯାଉଛନ୍ତି, ସେତେବେଳେ ଭାରତର ପ୍ରଧାନମନ୍ତ୍ରୀଙ୍କ ବିରୋଧାରେ, ଭାରତ ସରକାରଙ୍କ ବିରୋଧରେ, ଭାରତର ଅର୍ଥନୈତିକ ପ୍ରଗତି ବିରୋଧରେ ମତପ୍ରକାଶ କରୁଛନ୍ତି। ଏହା କେତେଦୂର ଗ୍ରହଣୀୟ, କେତେଦୂର ଏହା ଭାରତର ସ୍ୱାର୍ଥ ରକ୍ଷା ବିପରେ ଉଦ୍ଦିଷ୍ଟ ସେ ସମ୍ପର୍କରେ ଜଏସ୍ରେ ସ୍ପଷ୍ଟିକରଣ ଦେବା ଉଚିତ ।

ବିଦାୟର ବ୍ୟବଚ୍ଛେଦ

ଇତି ମଧ୍ୟରେ ଏଲନ ମସ୍କଙ୍କ ଏକ୍ ?ସ ହାଣ୍ଡଲରୁ ବାର୍ତ୍ତାଟିଏ ଆସି ସାରିଲାଣି ଯେ ଜେନ୍ ?ସନ ହୁଆଙ୍କୁ ନିଯୁକ୍ତି ଦେବା ତାଙ୍କ ସଜାଣ ଗୌରବର ବିଷୟ ହେବ। ଏଣୁ ଅନେକ ପର୍ଯ୍ୟବେକ୍ଷକ ଅନୁମାନ କରନ୍ତି ଯେ ହୁତ ସଜାନ ଫେରି ପାଇବା ସଜାଣେ ଜେନସେନ ହୁଆଙ୍କ ହୁଏତ ଏଭଳି ଏକ ଚାକିରି ଯୋଗାଇ ଦେବେ। ଯାହା 'ଏନଭିଡିଆ'ର ପ୍ରତିଦ୍ୱନ୍ଦ୍ୱୀ ହୋଇ ଛିଡ଼ା ହେବ। ଗଲା ଗୁରୁବାର ଦିନ 'ଏନଭିଡିଆ'ର ପ୍ରତିଷ୍ଠାତା ଓ ମୁଖ୍ୟ ସଂଚାଳକ ଜେନସେନ ହୁଆଙ୍କ, ଏକ ଅପ୍ରତିକର ପରିସ୍ଥିତିରେ, ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ସହିତ କଂପାନିର ନିର୍ଦ୍ଦେଶକ ବୋର୍ଡରୁ ମଧ୍ୟ ସେ ଛଡି ଯାଇଛନ୍ତି। ଏହି ସ୍ତରର ପାଠଚପାଠିକାମାନେ ନିଶ୍ଚିତ ଭାବେ ଅବଗତ ଥିବେ ଯେ ଜେନସେନ ହୁଆଙ୍କ ପରଜୀୟା ପ୍ରେମର କଥା, ତହିଁରେ ପ୍ରେମିକା ରୂପୀ ସହିଧ୍ୟ ଚୀନା ଗୁପ୍ତଚରଙ୍କ ମଧୁ-ଛନ୍ଦରେ ବନ୍ଧନ ଏବଂ ତତ୍ପରା 'ଏନଭିଡିଆ' ଚିପ୍ ଦିଅଣ୍ଟ ପୃଷ୍ଠ ଓ ବୁର୍ଜେର୍ଯ୍ୟ ପ୍ରଯୁକ୍ତିର ରୂପରେଖ ସନ୍ତର୍ପଣରେ ଚୀନ ହାତକୁ ଚାଲି ଯାଇଥିବାର ଭୟ ଇତ୍ୟାଦି ମିଶି ଯାଇ ଗଲା ସପ୍ତାହଟିକୁ ବୃମ୍ଭର ଆଲୋଚନା-ଉତ୍ସୁ ଜରି ରଖିଛି। ପ୍ରଜାଣ ଥାଉ କି ଆମେରିକା ଓ ଚୀନ ମଧ୍ୟରେ ଚାଲିଥିବା ଏ.ଆଇ. ଜଦ୍ଧର୍ଷ ପ୍ରତିପାଦନର ତାତ୍ତ ପ୍ରତିଦ୍ୱନ୍ଦ୍ୱିତାରେ 'ଏନଭିଡିଆ' ଚିପ୍ ହିଁ ହୋଇଥାଏ ତୁହ୍ମାସ୍ତ୍ର, ଯାହା ଜେନସେନ ହୁଆଙ୍କ ଜାର୍ଜି ଏବଂ ଯତ୍ନାରା ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିଦ୍ୱନ୍ଦ୍ୱିତାରେ ଚୀନଠାକୁ ଆସୁଥା ହୋଇ ରହିଛି। ସେହି ଦୃଷ୍ଟିରୁ ଜେନସେନ ହୁଆଙ୍କର ଅକସ୍ମାତ୍ ବିଦାୟକୁ ଟେକ୍ ଦୁନିଆରେ ଘଟିଥିବା ଭୀଷଣତମ ଭୂତଳନ ରୂପେ ଦେଖାଯାଇପାରେ। ଏଭଳି ସ୍ଥିତିରେ ଜେନସେନ ହୁଆଙ୍କ ଓ 'ଏନଭିଡିଆ'ର ସ୍ଥିତି ଓ ଭବିଷ୍ୟତ୍ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ପ୍ରଜାଣ ଥାଉ କି, ୧୯୯୩ ମସିହାରେ ସ୍ଥାପିତ 'ଏନଭିଡିଆ'ର ବଜାର ମୂଲ୍ୟ, ୨୦୨୨ ମସିହା ବେଳକୁ, ଏକ ଇର୍ଷଣୀୟ ପ୍ରାୟ ୫ ଟ୍ରିଲିଅନ ଡଲାରରେ ପହଞ୍ଚି ଯାଇଥିଲା, ଯାହା ଭାରତର 'ଜିଡିପି' ଠାରୁ ମଧ୍ୟ ଅଧିକ। ଏହି ଅଚ୍ଛନ୍ତନୀୟ ସଫଳତାର ନେତୃତ୍ୱ, ଗଲା ୩୩ ବର୍ଷ ଧରି ନେଇ ଆସିଥିଲେ କେବଳ ଜେନସେନ ହୁଆଙ୍କ, ଯାହାଙ୍କ ପରେ ଦ୍ୱିତୀୟ ଧାଡ଼ିର ନେତୃତ୍ୱ ଅନୁପସ୍ଥିତ ଏବଂ 'ଏନଭିଡିଆ'ରେ ନିଯୁକ୍ତ ତାଙ୍କ ଦୁଇ ସନ୍ତାନଙ୍କୁ ମଧ୍ୟ ସେ ଉତ୍ତରାଧିକାରୀ ରୂପେ ଗଢ଼ି ନାହାନ୍ତି। ଏଭଳି ସ୍ଥଳେ, ଜଂପାନିର ନେତୃତ୍ୱ ଚିଫ ଫାଇନାନ୍ସ ଅଫିସର କୋଲେଟ କ୍ରେସଙ୍କ ହାତକୁ (ଅନ୍ତରୀଣ ବ୍ୟବସ୍ଥା ଭାବେ) ଯାଇଛି ଏବଂ ଏଭଳି ନୂତନ ସ୍ଥିତିରେ, ଜଂପାନିର ଅଗ୍ରଗତି, ସହସା, ପୂର୍ବ ଭଳି ସାବଲୀଳ ହେବା ହୁଏତ ଅସମ୍ଭବ! ଅବଶ୍ୟ, ଏହା ସତ ଯେ ନିରନ୍ତର ଭାବେ ନୂଆ ନୂଆ ସଂଭରଣର ଅବ୍ୟାହତ ଏ.ଆଇ. ଚିପ୍‌ମାନ ବେର ଚାଲିଥିବା ଜଂପାନି 'ଏନଭିଡିଆ'କୁ ତା'ର ଗ୍ରାହକମାନେ ପରିତ୍ୟାଗ କରିବେ ନାହିଁ, କିନ୍ତୁ, ଜଂପାନିର ଷ୍ଟକ ମୂଲ୍ୟରେ ହ୍ରାସ ଘଟିବା ଏବଂ ଅନୁଷ୍ଠାନର ମଜୁଆଳ ରୂପେ ଜେନସେନ ହୁଆଙ୍କଙ୍କ ଅନୁପସ୍ଥିତି ଜନିତ ଶୂନ୍ୟତା ଜଂପାନି ଲାଗି ଆହ୍ୱାନଯୁକ୍ତ ହୋଇପାରେ ! ପରଜୀୟା ପ୍ରେମକୁ ଜେନସେନ ହୁଆଙ୍କ ସ୍ୱୀକାର କରିବା ଏବଂ ତହିଁରେ ତୀବ୍ର ଗୁପ୍ତଚରଗିରିର ଙ୍ଗଂଙ୍କ ଯୋଡ଼ି ହୋଇଥିବା ଜଳି ଘଟଣାଦ୍ୱୟରେ, ମାତ୍ର ତିନି ଦିନ ମଧ୍ୟରେ, ଜଂପାନିର ଷ୍ଟକ ମୂଲ୍ୟରେ ୧୦% ସ୍ଖଳନ ଘଟିଥିଲା, ସହିଁରେ ଜଂପାନି ପ୍ରାୟ ୮୦୦ ବିଲିଅନ ଡଲାରର କ୍ଷତି ସହିଥିଲା। ସେହି ଦୃଷ୍ଟିରୁ, ଜଂପାନି ଲାଗି, ଅବସ୍ମାର୍, ଏକ ବୋଝରେ ପରିଣତ ହୋଇ ଯାଇଥିବା ଜେନସେନ ହୁଆଙ୍କଙ୍କ ବିଦାୟ ଅନିବାର୍ଯ୍ୟ ହୋଇ ଉଠିଥିଲା। ଏଭଳି ସ୍ଥିତିରେ ଜଂପାନିରେ ମାତ୍ର ୩.୫୮% ଅଂଶଧନର ମାଲିକ ଜେନସେନ ହୁଆଙ୍କୁ ହଟାଇ ବିଆଯିବା ଆଦୌ ଜଷ୍ଟସାଧ ମଧ୍ୟ ନ ଥିଲା ! ତେବେ, ବିଶେଷଜ୍ଞମାନଙ୍କ ମତରେ ତାଙ୍କ ପ୍ରସ୍ଥାନକୁ ସଜାନଜନକ ଭାବେ ଏଥି ଲାଗି ଜରୁରି ହୋଇଥିବ ଯେ ଏକ ବିବଦମାନ ସ୍ଥିତିରେ ତାଙ୍କ ବିତାଡ଼ନ ଜଂପାନିର ଷ୍ଟକ ମୂଲ୍ୟକୁ ହୁଏତ ଆହୁରି ଅଧିକ ନିମ୍ନଗାମୀ କରନ୍ତା। ସୁତରାଂ, ଜେନସେନ ହୁଆଙ୍କଙ୍କୁ ଇସ୍ତଫା ପ୍ରଦାନର ସୁଯୋଗ ଦିଆଯାଇଥିବ ! ଆଉ ଜେତେକଙ୍କ ଅଯାଚ ପରେ ଶୂନରୁ ଉଠାଇ ଏକ ଜଂପାନିକୁ ଅତୁଳନୀୟ ସଫଳତା ପ୍ରଦାନ କରିବା ସହିତ ତା'ର ଅଂଶୀୟ ଅଂଶୀଦାରଙ୍କୁ ବିପୁଳ ଭାବେ ଲାଭଦାନ କରିଥିବ ?! ଜେନସେନ ହୁଆଙ୍କଙ୍କ ପ୍ରତି ଏହା ମଧ୍ୟ ହୋଇପାରେ କୃତଜ୍ଞତା ଜ୍ଞାପନର ଏକ ଚିହ୍ନ ! ଏକ ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତିରେ ଜେନସେନ ହୁଆଙ୍କ ତାଙ୍କ ସଜାନ, ପାରିବାରିକ ସଂପ୍ରୀତି ଏବଂ ତାଙ୍କ ପ୍ରିୟ ଜଂପାନିକୁ ଅଗତ୍ୟା ବରାଇଛନ୍ତି; କିନ୍ତୁ 'ଏନଭିଡିଆ'ରେ ତାଙ୍କ ୩.୫୮% ଅଂଶଧନରୁ ସେ ୮୭ ଜୋଟି ଡଲାରର ଅଧିକାରୀ ହୋଇ ରହିବେ ! ତେବେ, ଏହା ପରେ ତାଙ୍କ ଭବିଷ୍ୟତ ଯୋଜନା କ'ଣ ହେବ, ସେ ନେଇ ଅଳ୍ପ ଜଣାଇବା ଜଷ୍ଟକର। ତେବେ, ଏହି ସଂଦର୍ଭରେ ତିନିଟି ପ୍ରସିଦ୍ଧ ଜଂପାନିକୁ ବହିଷ୍ଟୃତ ତିନି ଜଣ ପ୍ରତିଷ୍ଠାତା ଓ ମୁଖ୍ୟ ସଂଚାଳକଙ୍କ ଦୃଷ୍ଟାନ୍ତ ଉପରେ ଏକ କ୍ଷିପ୍ତ ଦୃଷ୍ଟିପାତ କରାଯାଉ। ୧୯୮୫ ମସିହାରେ, ଆପଲ ଜଂପାନିର ପ୍ରତିଷ୍ଠାତା ଷ୍ଟିଭ ଜବ୍ସଙ୍କୁ ବହିଷ୍କାର କରାଯାଇଥିଲା, ଯାହାର କାରଣ ଥିଲା ଜବ୍ସଙ୍କ କାର୍ଯ୍ୟ ଶୈଳୀ ଓ ଭବିଷ୍ୟତ ପରିକଳ୍ପନା ସହିତ ତାଙ୍କ ଦ୍ୱାରା ନିଯୁକ୍ତ ସି.ଇ.ଓ. ଜନ ଷ୍କଲିଙ୍କ ମତାନୈକ୍ୟ। ଷ୍କଲିଙ୍କ ଉଦ୍ୟମରେ ପରିଚାଳନା ବୋର୍ଡ ଦ୍ୱାରା ଜବ୍ସ ବିତାଡ଼ିତ ହୋଇଥିଲେ। ସୁତରାଂ, ଉଚ୍ଚ ହୁବସ ସହିତ ଷ୍ଟିଭ ଜବ୍ସ 'ନେକ୍ସଟ୍' ନାମକ ଆଉ ଏକ ଜଂପାନି ଗଢ଼ିଲେ। ଏଣେ, ଜବ୍ସଙ୍କ ପରେ, ଷ୍କଲିଙ୍କ ନେତୃତ୍ୱରେ 'ଆପଲ' ଜଂପାନିର ତୀବ୍ର ପତନର ଧାରା ସୃଷ୍ଟି ହେଲା। ତେଣୁ, ଦଶ ବର୍ଷ ପରେ, ଅର୍ଥାତ୍ ୧୯୯୬-୯୭ ମସିହାରେ, ଜଂପାନି ପକ୍ଷରୁ ପୁନର୍ବାର ଷ୍ଟିଭ ଜବ୍ସଙ୍କୁ ଲୋଡ଼ା ଯାଇଥିଲା। ଜବ୍ସଙ୍କ ଦ୍ୱିତୀୟ ପାଳିରେ ମାତ୍ରହୁଲ, ଆଇପ୍ୟାଡ ଓ ଆଇଫୋନ ଆଦିର ବଜାର ପ୍ରବେଶ ଘଟି 'ଆପଲ'କୁ ଏକ ଅସାମାନ୍ୟ ଉଚ୍ଚତା ଆଣି ଦେଇଥିଲା, ଯାହା ଅଦ୍ୟାପି ଅବ୍ୟାହତ ରହିଛି। ସେହିଭଳି ଏକ ଘଟଣାରେ, ୨୦୧୭ ମସିହାରେ 'ଭବର' କଂପାନିର ପ୍ରତିଷ୍ଠାତା ଓ ମୁଖ୍ୟ ସଚାଳକ ଟ୍ରାଭିସ କାଲନିକଙ୍କୁ ବହିଷ୍କାର କରାଯାଇଥିଲା। କାଲନିକ 'ଭବର' ତାରୁ ଏକ ସଂପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି। ତୃତୀୟ ଉଦାହରଣ ହେଉଛନ୍ତି ପ୍ରସିଦ୍ଧ ଏ.ଆଇ. କଂପାନି 'ଓପେନ ଏ.ଆଇ.'ର ସୁବିଖ୍ୟାତ ପ୍ରତିଷ୍ଠାତା ଓ ମୁଖ୍ୟ ସଂଚାଳକ ସାମ ଅଲ୍‌ଟମାନ। ୨୦୨୩ ମସିହାରେ ସାମ ଅଲ୍‌ଟମାନଙ୍କୁ ବହିଷ୍କାର କରାଯାଇଥିଲା। କିନ୍ତୁ, ଏହା ଘଟିବାର ଦୁଇ ତାବ 'ଓପେନ ଏ.ଆଇ.'ର ପ୍ରାୟ ୭୦୦ ସରିକି ବିନିୟୋଗ କଂକିର୍ନିଅର ଏକ ସ୍ୱାକର ପତ୍ର ମାଧ୍ୟମରେ ଅଲ୍‌ଟମାନଙ୍କୁ ତାଙ୍କ ପଦରେ ପୁନଃ-ସଂସ୍ଥାପନ କରିବା ନେଇ ଦାବି ଜଣାଇଲେ ଏବଂ ଦାବି ପୂରଣ ନ ହେଲେ ସମୂହ କଂପାନି ପରିତ୍ୟାଗ କରିବାର ଧମକ ମଧ୍ୟ ଦେଇଥିଲେ। ଫଳତଃ, ମାତ୍ର ପାଞ୍ଚ ଦିନ ମଧ୍ୟରେ ସାମ ଅଲ୍‌ଟମାନ 'ଓପେନ ଏ.ଆଇ.'କୁ ପ୍ରତ୍ୟାବର୍ତ୍ତନ କଲେ। ଏବେ, ଜେନସେନ ହୁଆଙ୍କଙ୍କ ଷ୍ଟେତ୍ରରେ କ'ହି ଘଟିବ, ତାହା ଦେଖିବା ବାକି ରହିଲା। ଜେନସେନ ହୁଆଙ୍କ ଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅତ୍ୟନ୍ତ ପ୍ରିୟପାତ୍ର। ପୃଥିବୀର ବୁଜ୍ଜ ନେତା ଓ ଉଦ୍ୟୋଗପତିଙ୍କ ସହିତ ତାଙ୍କର ସୁଫଫର୍କ ରହିଛି, ଯେଉଁମାନେ ତାଙ୍କ ବିତଣ୍ଡାରେ ଓ ବକ୍ତାରୁ ଅତି ଜଡ଼ ସ୍ଥାନ ଦେଇଥାଆନ୍ତି। ଇତି ମଧ୍ୟରେ ଏଲନ ମସ୍କଙ୍କ ଏକ୍ସ ହାଣ୍ଡଲରୁ ବାର୍ତ୍ତାଟିଏ ଆସି ସାରିଲାଣି ଯେ ଜେନସେନ ହୁଆଙ୍କଙ୍କୁ ନିଯୁକ୍ତି ଦେବା ତାଙ୍କ ସଜାଣେ ଗୌରବର ବିଷୟ ହେବ। ଏଣୁ ଅନେକ ପର୍ଯ୍ୟବେକ୍ଷକ ଅନୁମାନ କରନ୍ତି ଯେ ହୁତ ସଜାନ ଫେରି ପାଇବା ସଜାଣେ ଜେନସେନ ହୁଆଙ୍କ ହୁଏତ ଏଭଳି ଏକ ଜଂକାନି ଗଢ଼ି ପାରନ୍ତି, ଯାହା 'ଏନଭିଡିଆ'ର ପ୍ରତିଦ୍ୱନ୍ଦ୍ୱୀ ହୋଇ ଛିଡ଼ା ହେବ। ବୈବାହ, ଯଦି ସେଭଳି ଜିଛି ହୁଏ, ତେବେ ଉପର ବର୍ଣ୍ଣିତ ତିନି ପ୍ରତିଷ୍ଠାତା ସି.ଇ.ଓ.ଙ୍କ ସହିତ ଆଉ ଏକ ଭିନ୍ନ ଜବାହରଣ ଯୋଡ଼ି ହୋଇଯିବ।

ବିଜ୍ଞ ବିରତି

ବର୍ଷକ ତଳେ ମୁଦ୍ରାସ୍ଫୀତି ଉଚ୍ଚା ଥିବାରୁ ବର୍ତ୍ତମାନ ସେଥିରେ ବୃଦ୍ଧି ହାର ନୀତା ପ୍ରତୀୟମାନ ହୋଇଛି, ଯାହାକୁ ପରିଙ୍ଗଣ୍ୟାନ ଶାସ୍ତ୍ରରେ 'ଉଚ୍ଚ ଭିତି ପ୍ରଭାବ' ('ହାଇ ବେସ୍ ଇଫେକ୍ଟ') ରୂପେ ଅଭିହିତ କରାଯାଇଥାଏ। ଚଳିତ ୨୦୨୫-୨୬ ବିତ ବର୍ଷର ଶେଷ ତଉ ପୁଷା ଏହି ଅନୁକୂଳ ପ୍ରଭାବରେ ଅନ୍ତ ଘଟି ତା' ପରାରୁ ଖାଉଟି ମୁଦ୍ରାସ୍ଫୀତି ହାର ବାର୍ଷିକ ୪% ସୀମା ଅତିକ୍ରମ କରିବ ବୋଲି ରିଜର୍ଭ ବ୍ୟାଙ୍କ୍ ଏବେ ଆଶଙ୍କା ପ୍ରକାଶ କରିଛି। ଗତ ବୁଧବାର ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରା ନୀତି ନିର୍ଦ୍ଧାରଣ କମିଟି ('ଏମ୍‌ପିସି') ଯେଉଁଭଳି ଏକ ଅଶ୍ୱାଭାବିକ ସମୟରେ ତା'ର ଦ୍ୱିମାସିକ ବୈଠକ ସମାପ୍ତ କରି ସୁଧ ହାର ନିର୍ଦ୍ଧାରଣ ସମ୍ବନ୍ଧରେ ତା'ର ନିଷ୍ପତି ଘୋଷଣା କରିଛି, ଅତୀତରେ କେବଳ ୧୯୯୭ର ଏସୀୟ ମୁଦ୍ରା ସଂକଟ ବିୟା ୨୦୦୮ର ବିଶ୍ୱ ବିତୀୟ ସଂକଟ ସମୟରେ ସେଭଳି ଦେଖାଯାଇଥିଲା। ବର୍ତ୍ତମାନର ସଂକଟ ଅବଶ୍ୟ ଜାହାରିକୁ ଅଗୋତର ନୁହେଁ- ଆମେରିକାର ଉତ୍ତ୍ରାନ୍ତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଦି ଦିଆଯାଇଥିବା ବିଦ୍ୱେଷମୂଳକ ଟାରିଫ୍ ବୋଝ। ଟ୍ରମ୍ପ ଧାର୍ଯ୍ୟ କରିଥିବା ତିନି ସପ୍ତାହ ସମୟ ସୀମା ଅତିତ୍ରାନ୍ତ ହେବା ପରେ ଏହି ଅତିରିକ୍ତ ଟାରିଫ





ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଝାରସୁଗୁଡ଼ା ଜିଲ୍ଲାରେ ଆସନ୍ତା ୨୬ରୁ ଆରମ୍ଭ ହେବ ଖରିଫ ଧାନ ସଂଗ୍ରହ



ଝାରସୁଗୁଡ଼ା,୨୩/ ୧୧(ନି/ପ୍ର): ୨୦୨୬-୨୭ ଖରିଫ ବିପଣନ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ କୁଣାଲ ମୋଡିୟାଗ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ ସମସ୍ତ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ଗତ ୨୦୨୫-୨୬ ଖରିଫ ବିପଣନବର୍ଷର ଧାନ କ୍ରୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଚଳିତ ୨୦୨୬-୨୭ ବିପଣନ ବର୍ଷର ଧାନ କ୍ରୟ ସମୟସୀମା ଓ ପ୍ରସ୍ତୁତି ବିଷୟରେ ସେ ବୈଠକରେ ଆଲୋକପାତ କରିଥିଲେ। ବୈଠକର ସର୍ବସଦ୍ଧତିକ୍ରମେ ଆସନ୍ତା ତା. ୨୬.୧୧.୨୦୨୬ ରିଖରୁ ଝାରସୁଗୁଡ଼ା ଜିଲ୍ଲାରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଉପସ୍ଥିତ ସମସ୍ତ ମିଲରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ସମସ୍ତ ଧାନ କ୍ରୟ କେନ୍ଦ୍ରରେ ଚାଷୀମାନଙ୍କ ଧାନ ସଂଗ୍ରହ ନିମନ୍ତେ ଆୱୁଆ ଭଲ ଅଖା ଯୋଗାଇ ଦେବେ। ଏହା ବ୍ୟତୀତ ପ୍ରତ୍ୟେକ ଧାନ କ୍ରୟ କେନ୍ଦ୍ର ପାଇଁ ଜଣେ ଲେଖାଏଁ ମଣ୍ଡି ନୋଡାଲ ଅଫିସର ଏବଂ ୩ଟି କିମ୍ବା ୪ଟି ଧାନ କ୍ରୟ କେନ୍ଦ୍ରକୁ ନେଇ ଜଣେ ଲେଖାଏଁ ମଣ୍ଡି ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଚାଷୀମାନେ ଯେପରି ସେମାନଙ୍କର ଟାଟକ ଅନୁଯାୟୀ ସୁବିଧାରେ ଧାନ ବିକ୍ରୟ କରିପାରିବେ ଏବଂ ମଣ୍ଡିରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ତାଗିଦ କରିଛନ୍ତି। ସେହିପରି ଚାଷୀମାନେ ଯେପରି ନିର୍ଦ୍ଧାରିତ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ, ସେଥିପ୍ରତି ଯୋଗାଇଁ ସମ୍ପାଦକମାନେ ଚାଷୀମାନଙ୍କୁ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ଯେପରି ଅନୁଚିତ ଉପାୟରେ ଧାନ କ୍ରୟ ନକରାଯାଏ ସେଥିପାଇଁ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଜାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଆଜିର ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ତୁଳାବତୀ ମିଞ୍ଜ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ ପ୍ରତିନିଧି ନବଲ କୁମାର ଅଗ୍ରୱାଲ, ମାନ୍ୟବର ବରଗଡ଼ ସାଂସଦଙ୍କ ପ୍ରତିନିଧି ରାମହରି ପୂଜାରୀ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁଭୋଲ, ମୁଖ୍ୟଜନ୍ତ୍ରନ ଅଧିକାରୀ ତଥା ନିର୍ଘାହୀ ଅଧିକାରୀ (ଜିଲ୍ଲା ପରିଷଦ) ବିଶ୍ୱରଞ୍ଜନ ନାଏକ, ଜଏ-ଜିଲ୍ଲାପାଳ ସତ୍ୟସାଗୀ ପଣ୍ଡା, ସମବାୟ ସମିତି ଉପ-ନିବନ୍ଧକ ମମଗାଣାଣୀ କୁଜୁର, ଜିଲ୍ଲା ସୂଚନା ଓଲୋକସମ୍ପର୍କଅଧିକାରୀଗିତାଞ୍ଜଳି ବଲିଆରସିଂହ ସମେତ ସମସ୍ତ ବୃଷ୍ଟି ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଝାଡେଶ୍ୱରୀ ଦିବ୍ୟାଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଝାରସୁଗୁଡ଼ା ଜିଲ୍ଲା ପାଠାଗାର ପରିଭ୍ରମଣ

ଝାରସୁଗୁଡ଼ା,୨୩/ ୧୧(ନି/ପ୍ର): ବୁଦ୍ଧାପଡା ବୁରୋମାଲ ସ୍ଥିତ ଝାଡେଶ୍ୱରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଜି ଝାରସୁଗୁଡ଼ା ଜିଲ୍ଲା ପାଠାଗାର ପରିଭ୍ରମଣ କରିଥିଲେ। ଏହି ପରିଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଢ଼ିବା ଅଭ୍ୟାସ, ଜ୍ଞାନ ଆହରଣ ଓ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା। ପାଠାଗାରରେ ଥିବା ବିଭିନ୍ନ ପ୍ରକାରର ପୁସ୍ତକ, ପତ୍ରପତ୍ରିକା ଓ ଶିକ୍ଷଣୀୟ ସାମଗ୍ରୀ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜାଣିବାର ସୁଯୋଗ ପାଇଥିଲେ। ପାଠାଗାରର କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କୁ ପାଠାଗାରର କାର୍ଯ୍ୟ ପ୍ରଣାଳୀ ଓ ପୁସ୍ତକର ଉପଯୋଗିତା ବିଷୟରେ ବୁଝାଇଥିଲେ। ଏହି ପରିଦର୍ଶନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆନନ୍ଦଦାୟକ ଓ ଜ୍ଞାନବର୍ଦ୍ଧକ ଅଭିଜ୍ଞତା ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତିକା ନେତୃତ୍ୱ ନେଇଥିଲେ। ଏପରି ଶିକ୍ଷଣୀୟ ପରିଭ୍ରମଣ ବିଦ୍ୟାର୍ଥୀ ଶିଶୁମାନଙ୍କ ଆତ୍ମବିଶ୍ୱାସ, ଅନୁଭୂତି ଓ ସାମାଜିକ ଅନୁଭୂତି ବୃଦ୍ଧିରେ ସହାୟକ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

ଝାରସୁଗୁଡ଼ାରେ ଆନ୍ତର୍ଜାତୀୟ ଝିଅ ଶିଶୁ ଦିବସ ପାଳିତ

ଝାରସୁଗୁଡ଼ା,୨୩/ ୧୧(ନି/ପ୍ର): ଝିଅ ଶିଶୁଙ୍କ ଅଧିକାର ସୁରକ୍ଷା, ମହିଳା ସଶକ୍ତିକରଣ, ବାଲ୍ୟ ବିବାହ ନିରାକରଣ ତଥା ବାଳିକାମାନଙ୍କୁ ଶିକ୍ଷିତ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ମିଳିତ ତତ୍ୱାବଧାନରେ ଆଜି ସ୍ଥାନୀୟ ଗ୍ରିଭାନ୍ସ ହଲ୍‌ରେ ଆନ୍ତର୍ଜାତୀୟ ଝିଅ ଶିଶୁ ଦିବସ ପାଳନ ଅବସରରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଲ ସବୁଜ ପତାକା ଦେଖାଇ ଏକ ବିଶାଳ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବେହେରାମାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବେହେରାମାଲ ଆଶ୍ରମ ସ୍କୁଲ, ଡୁଜରାଜନଗର ଓପିଏମ୍ ଗାର୍ଲସ ହାଇସ୍କୁଲ, ଝାରସୁଗୁଡ଼ା ସରକାରୀ ହାଇସ୍କୁଲ ଏବଂ ପିଏମ୍ ଶ୍ରୀ ସରକାରୀ ହାଇସ୍କୁଲର ବହୁସଂଖ୍ୟକ ବାଳିକା ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଏସଏଓଏଡିଏ, ୱାନ୍ ଷ୍ଟପ୍ ସେଂଟର, ଶକ୍ତି ସଦନର ଜର୍ମଜର୍ଜୀ, ଜିଲ୍ଲାର ସମସ୍ତ ସିଡିପିଓ, ମହିଳା ପୁସରଭାଇଜର, ଅଙ୍ଗନବାଡ଼ି ଜର୍ମୀ ଓ ଆଶାକର୍ମୀମାନେ ଏହି ରାଲିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରିଭାନ୍ସ ହଲ୍‌ରେ ଆୟୋଜିତ ସଚେତନତା ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ନାୟକ, ଶିଶୁ କଲ୍ୟାଣ ସମିତି ର ଅଧକ୍ଷ ସୁନର ମହାରଣା, ସିଡବୁସି ସଦସ୍ୟା ସଂଯୁକ୍ତା ମହାପାତ୍ର ଏବଂ ସେହାବାର ପ୍ରତିନିଧି ମନ୍ଦାକିନୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଝିଅ ଶିଶୁଙ୍କ ସାମାଜିକ ଅଧିକାର, ସୁରକ୍ଷା, ଉଚ୍ଚଶିକ୍ଷା, ଆତ୍ମନିର୍ଭରଶୀଳତା ଓ ମହିଳା ସଶକ୍ତିକରଣ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଉପସ୍ଥିତ ଛାତ୍ରୀ ଓ ବାଳିକାମାନଙ୍କୁ ନିଜର ଅଧିକାର ପ୍ରତି ସଚେତନ ହେବା ସହିତ ନିଜ ସୁରକ୍ଷା, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ବାଲ୍ୟ ବିବାହ ନିଷେଧ ଆଇନ ଏବଂ ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ଓ ଛାତ୍ରୀମାନେ ଶପଥ ପାଠ କରିଥିଲେ।

ସପ୍ତାହବ୍ୟାପି ଭାଗବତ ପାରାୟଣ ଉଦ୍‌ଯାପିତ

ବିଶ୍ୱ କଲ୍ୟାଣ ପାଇଁ 'ସପ୍ତ ଦୀପ ଧାରଣ' ମୁଖ୍ୟ ଆକର୍ଷଣ



ରାମନାଗୁଡା,୨୩/ ୧୧(ନି/ପ୍ର): ରାୟଗଡ଼ ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ଲିମାପଦର ଗ୍ରାମସ୍ଥିତ ସୀତାରାମ ମନ୍ଦିର ପ୍ରାଙ୍ଗଣରେ ସପ୍ତାହ ବ୍ୟାପି ଅନୁଷ୍ଠିତ ପବିତ୍ର ଭାଗବତ ପାରାୟଣ ମହାସମାରୋହରେ ଉବଯାପିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ତଥା ମୁଖ୍ୟ ଆକର୍ଷଣ ଥିଲା ପବିତ୍ର ବଡ଼ ଏକାଦଶୀ ତିଥିରେ ଅନୁଷ୍ଠିତ 'ସପ୍ତ ଦୀପ ଧାରଣ' ନୀତି। ସପ୍ତଋଷିଙ୍କ ଉଦ୍ଦେଶ୍ୟରେ ତଥା ସମଗ୍ର ବିଶ୍ୱର ମଙ୍ଗଳ ଓ ଜଲ୍ୟାଣ କାମନା କରି ମାନସିକଧାରୀମାନେ ଏହି ସପ୍ତ ଦୀପ ଧାରଣ କରିଥିଲେ। ଓଡ଼ିଶାରେ କ୍ୱଚିତ୍ ଦେଖିବାକୁ ମିଳୁଥିବା ଏହି ବିରଳ ଓ ପାରମ୍ପରିକ ଧାର୍ମିକ ବିଧିକୁ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପବାଶ୍ଚିତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସପ୍ତାହ ବ୍ୟାପି ପାରାୟଣ କାର୍ଯ୍ୟକ୍ରମ ରେ ସୁବାସ ପଣ୍ଡା, ହୃଷିକେଶ ପଣ୍ଡା, ପ୍ରମୋଦ ତ୍ରିପାଠୀ, ଅଶ୍ୱିନୀ ତ୍ରିପାଠୀ, ଦେବାରୀ ପଣ୍ଡା ଏବଂ ଋଷିକେଶ ତ୍ରିପାଠୀ ପ୍ରମୁଖ ସାତ ଦିନ ଧରି ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହ ଶ୍ରୀମଦ୍ ଭାଗବତ ପୁରାଣ ପଠନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁତାରୁ ରୂପେ ପରିଚାଳନା କରିବାରେ ତନ୍ତୁପାଣି ତ୍ରିପାଠୀ, ପ୍ରଫାପ ପଣ୍ଡା, ବିନୟ ପଣ୍ଡାଙ୍କ ସମେତ ଗ୍ରାମବାସୀମାନେ ସକ୍ରିୟ ସହଯୋଗ କରିଥିଲେ।

ବାତ୍ୟା ଅକଭାନ୍ ସମୟରେ ସମନ୍ୱିତ କାର୍ଯ୍ୟକୁ ପ୍ରଶଂସା



ଭୁବନେଶ୍ୱର,୨୩/ ୧୧(ନି/ପ୍ର): ଗଞ୍ଜାମ ଜିଲ୍ଲାର ବିଭିନ୍ନ ଜଳଧାର ଓ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟସୂଚୀ ପରିଦର୍ଶନ ପରେଳକ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଭୁବନେଶ୍ୱରସ୍ଥିତ ଋଷିକୁଲ୍ୟା-ବଂଶଧାରା-ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକଙ୍କ ସମ୍ମିଳନୀ ଜଙ୍କରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ବାତ୍ୟା ଅକଭାନ୍ ?୨ ପ୍ରଭାବ, ବାତ୍ୟା ଅର୍ନ୍ତ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି, ଜଳଭଣ୍ଡାର ପରିତାଳନା ଏବଂ ଜିଲ୍ଲାରେ ଜଳସେବନ ଜିନିଷ୍ଟ୍ରମିକୁ ସୁବୃତ୍ତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭି. ଜାର୍ତି ଭାସନ, ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଜଂ ବିଗ୍ରାଜ ପୁରୋହିତ, ବ୍ରହ୍ମପୁର ମହାନଗର ନିଗମର କମିଶନର ଶ୍ରୀମତୀ ଅଜଭରମ୍ ଶବ୍ୟା ରେଡ୍ଡୀ ଋଷିକୁଲ୍ୟା-ବଂଶଧାରା-ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିତାଳକ ଜଗନ୍ନାଥ ପାଣିଙ୍କ ସମେତ ବିଭାଗର ବିଭିନ୍ନ ଶାଖାର ଅଧୀକ୍ଷଣ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବାତ୍ୟା ଅକଭାନ୍ ସମୟରେ ବିଭାଗୀୟ ଯନ୍ତ୍ରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ନିଷ୍ପାପର ଉଦ୍ୟମ ଏବଂ ଜିଲ୍ଲା ପ୍ରଶାସନ ସହ ସେମାନଙ୍କର ଉତ୍ତମ ସମନ୍ୱୟକୁ ପ୍ରମୁଖ ଶାସନ ସଚିବ ପ୍ରଶଂସା କରିଥିଲେ। ଜରୁରୀ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ସେ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ବାତ୍ୟାରେ କ୍ଷତିଗ୍ରସ୍ତ ଜିନିଷ୍ଟ୍ରମିର ପୁନରୁଦ୍ଧାରକୁ ପ୍ରାଥମିକତା ଦେବା, ଦୂର୍ଜଳ ସ୍ଥାନଗୁଡ଼ିକୁ ସୁଦୃଢ଼ କରିବା ଏବଂ ଜଳସେଚନ ପୂର୍ବିଧାର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ 'ସର୍ଗିଫୁଲ-୨୦୨୬'

ଝାରସୁଗୁଡ଼ା, ୨୩/ ୧୧(ନି/ପ୍ର): ପ୍ରତ୍ୟେକ ଶିଶୁ ନିଜଟରେ ଏକ ଅନନ୍ୟ ପ୍ରତିଭା ରହିଛି, ଯାହାକୁ ଚିହ୍ନଟ କରିବା ସହ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ନେଇ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ଆବିବାସୀ ପ୍ରବର୍ଦ୍ଧନୀ ପଡ଼ିଆରେ ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ 'ସର୍ଗିଫୁଲ-୨୦୨୬' ଆୟୋଜନ କରାଯାଉଛି। ଏହି ପଦକ୍ଷେପର ଏକ ଅଂଶସ୍ୱରୂପ, ଝାରସୁଗୁଡ଼ା ସ୍ଥିତ ନବବାସ ଅଡିଟୋରିୟମ୍ ହଲଠାରେ ଜିଲ୍ଲାସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ 'ସର୍ଗିଫୁଲ-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୩୩ଟି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଦ୍ୟାଳୟରୁ ପ୍ରାୟ ୪୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶ୍ରେଣୀଗୁହ ଶିକ୍ଷା ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ, କର୍ମଶାଳା, ବିଜ୍ଞାନ ପ୍ରଦର୍ଶନୀ, କ୍ରୀଡ଼ାପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ସହ-ପାଠ୍ୟକ୍ରମିକ କାର୍ଯ୍ୟକଳାପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା, ଆତ୍ମବିଶ୍ୱାସ ବଢ଼ାଇବା ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ଉପଯୁକ୍ତ ମଂଚ ଯୋଗାଇ ଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଝାରସୁଗୁଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ବଢ଼ାଇବା ଏବଂ ସୃଜନଶୀଳତାର ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସଞ୍ଚାଳିନ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ପ୍ରତିଯୋଗିତାଗୁଡ଼ିକୁ ତିନୋଟି ବର୍ଗରେ ବିଭକ୍ତ କରାଯାଇଥିଲା: କନିଷ୍ଠ ବର୍ଗ (ଷଷ୍ଠମ ଶ୍ରେଣୀ ପର୍ଯ୍ୟନ୍ତ), ବରିଷ୍ଠ ବର୍ଗ (ନବମରୁ ଦ୍ୱାଦଶ ଶ୍ରେଣୀ) ଏବଂ ମିଳିତ ବର୍ଗ। ବରିଷ୍ଠ ବର୍ଗରେ ଓଡ଼ିଆ ବକ୍ତୃତା, ଓଡ଼ିଆ ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ଓଡ଼ିଆ ତର୍ଜ, ଏକକ ସଙ୍ଗୀତ ଏବଂ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି କନିଷ୍ଠ ବର୍ଗରେ ଓଡ଼ିଆ ବକ୍ତୃତା, ଓଡ଼ିଆ ତର୍ଜ, ଓଡ଼ିଆ ସୃଜନଶୀଳ ଲିଖନ, ଏକକ ସଙ୍ଗୀତ ଏବଂ ଏକକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମିଳିତ ବର୍ଗ ଅଧୀନରେ ବିଜ୍ଞାନ ପ୍ରଦର୍ଶନୀ ଏବଂ ବଳକାଟ ଲୋକନୃତ୍ୟ ପ୍ରତିଯୋଗିତା ଜରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଚିନ୍ତାଧାରା, କଳାତ୍ମକ ବକ୍ଷତା, ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରିଥିଲା। ଜିଲ୍ଲାସ୍ତରୀୟ ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଡିସେମ୍ବର ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବରେ ଝାରସୁଗୁଡ଼ା ଜିଲ୍ଲାର ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯିବ। ଜେବଳ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ମଧ୍ୟରେ ସାମିଲ ନରହି 'ସର୍ଗିଫୁଲ-୨୦୨୬' ଯୁବ ପ୍ରତିଭା ଏବଂ ଛାତ୍ରଛାତ୍ରୀମାନଙ୍କର ସମୃଦ୍ଧ ସାଂସ୍କୃତିକ ଅଭିବ୍ୟକ୍ତିର ଏକ ମହାନ ଉତ୍ସବ ପାଲଟିଥିଲା, ଯାହା ସେମାନଙ୍କୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା ଓ ପରସ୍ପରଠାରୁ ଶିଖିବା ପାଇଁ ପ୍ରେରଣା ଯୋଗାଇଥିଲା।

ବଲାଙ୍ଗିରର ସା



ଆପୋଲୋ ହସ୍ପିଟାଲ୍ସ ସହାୟତାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ



ରାଉରକେଲା,୨୩/୧୧(ନି/ପ୍ର): ସାମାଜିକ ତଥା ସାହିତ୍ୟ ଅନୁଷ୍ଠାନ ସୁବର୍ଣ୍ଣରେଖା ଏବଂ ରାଉରକେଲା ଆପୋଲୋ ହସ୍ପିଟାଲ୍ସର ମିଳିତ ସହଭାଗିତାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ହୋଇଯାଇଛି । ବାସନ୍ତୀ ଜଲୋନୀସ୍ଥ 'ବ୍ୟାସଭବନ' ପରିସରରେ ପୂର୍ବାହ୍ନରେ ମେଡିସିନ, ସର୍ଜରୀ, ସ୍ତ୍ରୀ ରୋଗ, ଦନ୍ତରୋଗ ଆଦି ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତ୍ୟାଧୁନିକ ଡିଜିଟାଲ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହେବା ସହ ନିଃଶୁଳ୍କ ଔଷଧ ବଣ୍ଟନ ହୋଇଥିଲା । ଡାକ୍ତରଙ୍କ ପରାମର୍ଶ ଅନୁସାରେ ରକ୍ତ ଶର୍କରା, ରକ୍ତ ଚାପ, ଇସିଜି ପରୀକ୍ଷା କରାଯାଇଥିଲା । ଏହି ଶିବିରରକୁ ବରିଷ୍ଠ ଉପବେତ୍ତା ତଥା ଶଙ୍ଖ ବିକିତ୍ସକ ଡାକ୍ତର ପ୍ରମୋଦ ଚନ୍ଦ୍ର ଜେନା ଉଦ୍ଘାଟନ କରିବା ସହ ରୋଗୀ ସେବା ଯୋଗାଇ ଥିଲେ । ସୁବର୍ଣ୍ଣରେଖା ଅନୁଷ୍ଠାନର ପ୍ରାକ୍ତନ ସଭାପତି ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମଧୁସୂଦନ ସାହୁ, ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ସମୀକ୍ଷା ଜେନା ସେବା ପ୍ରଦାନ କରିଥିଲେ । ଆପୋଲୋ ହସ୍ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହି ଅଧିକାରୀ ଡାକ୍ତର ଅଖିଳ ଛେନଙ୍କ ଦିଗଦର୍ଶନରେ ଭେଷଜ ବିଶେଷଜ୍ଞ ଡାକ୍ତର ଅମିତ୍ ଓ ପାରା ମେଡିକାଲ ଷ୍ଟାଫମାନେ ଏଥିରେ ସହଯୋଗ କରିଥିଲେ ଏବଂ ଅନୁଷ୍ଠାନ ତରଫରୁ ଡାକ୍ତର ସାନ୍ତ୍ୱନା ପଡ଼ିଡ଼ା, ପାରା ମେଡିକାଲ ଷ୍ଟାଫ୍ ଶ୍ରୀକାନ୍ତ ଦାସ, ସରୋଜ ମହାନ୍ତି, ରାଜେନ୍ଦ୍ର ଜେନା, ପ୍ରଜୟ ଚାନ୍ଦ, ମଜୁର ଚାନ୍ଦ, ପୁଟିପ୍ରିୟା ପାଲ, ସରୋଜିନୀ ପୂଜାର ବିଶେଷ ସହଯୋଗ କରିଥିଲେ । ସୁବର୍ଣ୍ଣରେଖାର ସଭାପତି ବନବିହାରୀ ରଣା, ସାଧାରଣ ସମ୍ପାଦକ ଜମଜାକାତ ପ୍ରଧାନ ସଭାରେ ମତାମତ ଥାଇ ଅନୁଷ୍ଠାନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରର ସଫଳ ଆୟୋଜନ ପାଇଁ ଗୀତାଞ୍ଜଳି ପଣ୍ଡା, ଦେବଯାନୀ ଘୋଷ, ଛବି ରାଣୀ ପ୍ରଧାନ,ବନଜା ଦାସ, ସୁଷମା ସାହୁ, ଶତ୍ରୁଘ୍ନ ଆବକ, ପୂଜା ଗିରି, ସବିତା ମଣ୍ଡଳ,ଜନଜଳଜା ଜେନା, ମନୋରଞ୍ଜନ ଦାସ, ଜ୍ୟୋଶ୍ନା ଜମଜ ପଣ୍ଡା, ବିଜୟ ପ୍ରଧାନ, ଅଜିତ୍ ମହାପାତ୍ର, ଆନନ୍ଦ ଗିରି, ସମୀର ମଣ୍ଡଳ, ରବିନ୍ଦ୍ରନାଥ ଜେନା, ଅରକ୍ଷିତ ଆବକ, ପ୍ରଫୁଲ୍ଲ ସାହୁ, ରାଧାକୃଷ୍ଣ ଦଳପତି, ଜବିନ୍ଦ୍ର ଦେଓ, ପର୍ଶୁରାମ ମଲ୍ଲିକ୍, ବଭୁଶ ମାଝୀ, ଜଗୁଣାଳର ବାରିକ, ଗଗନ ପ୍ରଧାନ, ରାଜୀବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଧାମରା ସଂଘ ପକ୍ଷରୁ ପାଳିତ



ରାଉରକେଲା,୨୩/୧୧(ନି/ପ୍ର): ସହରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୭ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି । ସାଧାରଣ ସମ୍ପାଦକ ଭଗବାନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଏହି କାର୍ଯ୍ୟକ୍ରମରେ ରାଉରକେଲାର ବର୍ଷିୟାନ ସମାଜସେବୀ ପତିତପାବନ ରାୟ ଯୋଗଦେଇ, ଓଡିଶା ରାଜନୀତିରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଦ୍ରୋଣାଚାର୍ଯ୍ୟ ଏବଂ ଚାଣକ୍ୟ ରୂପେ ଅବିହିତ କରିଥିଲେ । ଗତଜାତ ମିଶ୍ରଣ, ହିରାକୁଦ ବନ୍ଦ ନିର୍ମାଣ, ନୂଆ ରାଜଧାନୀ ନିର୍ମାଣ, ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠା, ଜଟକ ଚଡୋର ଛେତ୍ର, ମାଛକୁଣ୍ଡ - ହୁଡୁମା ପ୍ରକଳ୍ପ, ଜଟକ - ସିଭିକ୍ ସେଣ୍ଟର, ରାଉରକେଲା ଓ ବାର୍ଷିକ ବିବସ ଉତ୍ସବ ମାର୍ଚ୍ଚ ୧ ତାରିଖ ରବିବାର, ପକ୍ଷ୍ୟା ୬ଟା ଠାରୁ - ସିଭିକ୍ ସେଣ୍ଟର, ରାଉରକେଲା ଠାରେ ପୁରସ୍କାର ବିତରଣ ସହ ବାର୍ଷିକ ଉତ୍ସବ ପାଳନ କରାଯିବ । ଏଥିପାଇଁ ନିୟମାବଳୀ ଅନୁସାରେ ସମସ୍ତ ପ୍ରତିଯୋଗୀଙ୍କ ପାଇଁ ସ୍ୱତ୍ୱ ରେଜିଷ୍ଟ୍ରେସନ୍ ଫି ଟ. ୫୦/- ପ୍ରତି ଇଭେଣ୍ଟ । ପ୍ରତି ଗ୍ରୁପ୍ ରେ ତିନୋଟି ପୁରସ୍କାର ଦିଆଯିବ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଜାଣିବା ପାଇଁ ଜର୍ନମିର୍ତା ଆଶିଷ - ୯୪୩୭୦୮୪୩୮୪, ଆୟୋଜକ ସମ୍ପାଦକ - ୯୪୩୯୦୩୯୦୯୪୨, କାର୍ଯ୍ୟକ୍ରମ ସଂଯୋଜକ - ୯୪୩୭୧୦୫୪୨୨ ରେ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ସମରଜୀତ ମଲ୍ଲିକ, ବିଜୟ ପଣ୍ଡା, ସୁଜାତ ଦାସ, ଆଶିଷ ବିର୍ତା ହେମ୍ବ୍ରମ,ଜେ ସି ପାଢ଼ୀ,ଏ ଏନ୍ ମହାନ୍ତି, ପ୍ରବୀପ ମହାନ୍ତି, ପ୍ରବୀପ ଦାଶ, ଏନ୍ ପି ମହନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ନିର୍ବାଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

ଜୟପୁର,୨୩/୧୧(ନି/ପ୍ର): ଜୟପୁର ଚାରିଣୀ ଛକ ସ୍ଥିତ ବିଜ୍ଞାନ ଇଂଟରନ୍ୟାସନାଲ ପ୍ରାଥମିକ ବିଦ୍ୟାଳୟ, ଠାରେ ଆଜି ନିର୍ବାଣ ସାହିତ୍ୟ ପରିଷଦର ତଉତିରିଶି ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଛି । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡାକ୍ତର ସୁରେନ୍ଦ୍ରନାଥ ବାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ତାଟକ ସମାଜସେବୀ ପ୍ରକାଶ କୁମାର ନାୟକ, ସମ୍ମାନନୀୟ ଅତିଥି ଫଂଚବତୀ ସମ୍ପାଦକ ସାହିତ୍ୟିକ ସୁଶାନ୍ତ କୁମାର ନାୟକ(ରାୟଗଡା), ସମ୍ମାନନୀୟ ବକ୍ତା ସୁସାହିତ୍ୟିକ ଡାକ୍ତର ମଦନାନନ୍ଦ ସେଠ (ଝାରଶୁଗୁଡା), ସମ୍ମାନନୀୟ ବକ୍ତା ଗାୟିକ ରବି ନାରାୟଣ ପଣ୍ଡା (ଭୁବନେଶ୍ୱର) ଯୋଗ ଦେଇଥିଲେ । ପ୍ରବୀପ ପ୍ରଜ୍ୱଳନ ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ଉପସ୍ଥିତ ବକ୍ତାଙ୍କେନ୍ଦ୍ର ଦ୍ୱାରା ପ୍ରାରମ୍ଭିକ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

ରାଉରକେଲା ୟୁଥ୍ ଫେଷ୍ଟିଭାଲ୍ (ରାଉଫେଷ୍ଟ) କାର୍ଯ୍ୟକ୍ରମ ଘୋଷିତ



ରାଉରକେଲା,୨୩/୧୧(ନି/ପ୍ର): ଯୁବ ହଷ୍ଟେଲ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ, ରାଉରକେଲା ୟୁନିଟ୍ ପକ୍ଷରୁ ରାଉରକେଲା ୟୁଥ୍ ଫେଷ୍ଟିଭାଲ୍ - ରାଉଫେଷ୍ଟ ର ଇଭେଣ୍ଟ ଓ୍ୱାଇଜ୍ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । ନଭେମ୍ବର ୨୯ ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଅବସରରେ ଆୟୋଜିତ ସାୟାହ୍ନିକ ସଭିଳନୀରେ ଅନୁଷ୍ଠାନର ସଭାପତି ପ୍ରତାପ କୁମାର ସ୍ୱାଇଁ, ସମ୍ପାଦକ ନିରଞ୍ଜନ ବେହେରା, କୋଷାଧ୍ୟକ୍ଷ ସତିବାନନ୍ଦ ଲେଙ୍କା, ଆୟୋଜକ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ଉପ-ସଭାପତି ଅମିତାଭ ଠାକୁର ମତାଂସୀନ ରହି ସାୟାହ୍ନିକକୁ ସୂଚନା ପ୍ରଦାନ କରିଥିଲେ । ସୂଚନା ଅନୁଯାୟୀ ହିଲ୍ ଟ୍ରେକିଂ ପ୍ରତିଯୋଗିତା ଆସନ୍ତା ୨୯ ତାରିଖ, ରବିବାର, ସକାଳ ୭ଟା - ବେଦ୍ ବ୍ୟାସ, ଡାରା ଚାରିଣୀ ମନ୍ଦିର, ସେକ୍ଟର-୫, ସରସ୍ୱତୀ ଶିଶୁ ମନ୍ଦିର ନିକଟ, ଉଙ୍କୋଲି ପ୍ରତିଯୋଗିତା (କେବଳ ମୁବୁଜ) ସେହି ରବିବାର, ଅପରାହ୍ନ ୩ଟା - ବି/୩୫, ସେକ୍ଟର-୩, ରାଉରକେଲା ୟୁଥ୍ ହଷ୍ଟେଲ୍ ପରିସର, ସାଇଲିଂ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୦୬ ତାରିଖ ରବିବାର, ସକାଳ ୭ଟା - ରାଉରକେଲା ବିମାନବନ୍ଦର ଗେଟ୍ ଠାରୁ ସେକ୍ଟର-୨ ବିକୁପଟ୍ଟନାୟକ ଛକ ବେଇ ରିଙ୍ଗ୍ ରୋଡ୍ ହୋଇ ଫେରିବ, ପେଟିଂ ପ୍ରତିଯୋଗିତା ସେହିଦିନ ଅପରାହ୍ନ ୩ଟା - ବି/୩୫, ସେକ୍ଟର-୩, ରାଉରକେଲା ୟୁଥ୍ ହଷ୍ଟେଲ୍ ପରିସରରେ ଅନୁଷ୍ଠିତ ହେବ । ମାରାଥନ୍ ପ୍ରତିଯୋଗିତା ଆସନ୍ତା ୧୩ ତାରିଖ, ରବିବାର, ସକାଳ ୭ଟା - ସେକ୍ଟର-୩, ସ୍ୱେତ୍ ଟୌର୍ ଠାରୁ ବିର୍ତା ମୁଣ୍ଡା ହକି ଷ୍ଟାଡିୟମ୍ ଦେଇ ମେଘଧ୍ୱାର୍ ଭିଲେଜ୍ ପର୍ଯ୍ୟନ୍ତ ଫେରିବ, କୁଇଜ୍ ପ୍ରତିଯୋଗିତା ସେହିଦିନ ସକାଳ ୧୧ଟା - ଏସଏସଆରଡିଏମ ଇଷ୍ଟାର ଜଲିଣ୍ଡ୍ ମିଡିୟମ୍ ସ୍କୁଲ, ସେକ୍ଟର-୨୦, ରାଉରକେଲା, ଗୀତ ପ୍ରତିଯୋଗିତା ଅପରାହ୍ନ ୩ଟା - ବି/୩୫, ସେକ୍ଟର-୩, ରାଉରକେଲା ୟୁଥ୍ ହଷ୍ଟେଲ୍ ପରିସରରେ ଅନୁଷ୍ଠିତ ହେବ । ସେହିପରି ନୃତ୍ୟ ପ୍ରତିଯୋଗିତା (ଏକକ ଓ ଦଳଗତ) ଆସନ୍ତା ଜାନୁଆରୀ ମାସ ୩ ତାରିଖ, ରବିବାର, ସକାଳ ୧୧ଟା - ସିଭିକ୍ ସେଣ୍ଟର, ରାଉରକେଲା ଠାରେ ପୁରସ୍କାର ବିତରଣ ସହ ବାର୍ଷିକ ଉତ୍ସବ ପାଳନ କରାଯିବ । ଏଥିପାଇଁ ଇଚ୍ଛୁକ ପ୍ରତିଯୋଗୀ ଏବଂ ଅଭିଭାବକ ଆସନ୍ତା ଡିସେମ୍ବର ୦୬ ତାରିଖ ପର୍ଯ୍ୟନ୍ତ ଫେରିବ, କୁଇଜ୍ ପ୍ରତିଯୋଗିତା ସେହିଦିନ ସକାଳ ୧୧ଟା - ଏସଏସଆରଡିଏମ ଇଷ୍ଟାର ଜଲିଣ୍ଡ୍ ମିଡିୟମ୍ ସ୍କୁଲ, ସେକ୍ଟର-୨୦, ରାଉରକେଲା, ଗୀତ ପ୍ରତିଯୋଗିତା ଅପରାହ୍ନ ୩ଟା - ବି/୩୫, ସେକ୍ଟର-୩, ରାଉରକେଲା ୟୁଥ୍ ହଷ୍ଟେଲ୍ ପରିସରରେ ଅନୁଷ୍ଠିତ ହେବ । ସେହିପରି ନୃତ୍ୟ ପ୍ରତିଯୋଗିତା (ଏକକ ଓ ଦଳଗତ) ଆସନ୍ତା ଜାନୁଆରୀ ମାସ ୩ ତାରିଖ, ରବିବାର, ସକାଳ ୧୧ଟା

ରାଉରକେଲା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ରାଉରକେଲା,୨୩/୧୧(ନି/ପ୍ର): ରାଉରକେଲା ମହାବିଦ୍ୟାଳୟ, ସେକ୍ଟର-୪,ରେ ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍ ପକ୍ଷରୁ ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହ ମହାବିଦ୍ୟାଳୟ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମତ ସଂଯୋଜନା କରିଥିଲେ ପ୍ରଫେସର ରଶ୍ମିପ୍ରଭା ମଥାନ । ମହାବିଦ୍ୟାଳୟର ଅଧକ୍ଷ ଡ. ରବୀନ୍ଦ୍ର କୁମାର ଦେବୀ ମତାଂସୀନ ହୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଓ ମହିଳା ସଶକ୍ତିକରଣରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶକ୍ତିଶ୍ରୀ ସଂଯୋଜିକା ପ୍ରଫେସର ବୀପାଲି ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମାରୋହର ମୁଖ୍ୟ ଅତିଥି ଭାବେ ରାଉରକେଲାର ଜିଏସ୍‌ପି ଗୁରୁଦ୍ୱାରି ହେଡ୍ଗ୍ରମ ଯୋଗଦେଇ ମହିଳା ଓ ଛାତ୍ରୀମାନଙ୍କ ଜୀବନରେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆତ୍ମବିଶ୍ୱାସ, ସାହସ ଓ ସଚେତନତା ହିଁ ନାରୀ ସଶକ୍ତୀକରଣର ମୁଖ୍ୟ ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ । ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ସହିତ ପ୍ରତ୍ୟେକ ପରିସ୍ଥିତିର ସାହସର ସହ ମୁକାବିଲା କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ଆତ୍ମରକ୍ଷା ପ୍ରଶିକ୍ଷଣର ଜନଚାଇଁ ପ୍ର ବୈଜୟନ୍ତୀ ବାରିକ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଟ୍ରେନର ଜୟା କୁମାରୀ ଙ୍ଗି, ନିକି କୁମାରୀ କୁସୁମ୍ପା ଓ ରିତିକା ମାହାତୋ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳର ଡାଳିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଭାରତୀ ବରଖ୍ୱା, ଶ୍ରୀରାମ ମାହାନ୍ତ, କ୍ଷୀରୋଦ୍ରି ମହାକୁଡ଼, ରତନା ମିଶ୍ର, ଦେବି ସାହୁ, ଅମିଷା ଓରାମ, ନମିତା ପାଙ୍କଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ । ଏଥିସହ ଅଳେ ଯାଦବ, ବିନିତା, ଗାୟତ୍ରୀ, ଫୁଟବି ଓ ମିନୁ ତଥା ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ସହଯୋଗ ଓ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା । ଶେଷରେ ଆତ୍ମରକ୍ଷା ପ୍ରଶିକ୍ଷଣ ସଂଯୋଜିକା ପ୍ରଫେସର ବନ୍ଦନା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉଦ୍‌ଯାପନୀ ସମାରୋହ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସାହସ ଓ ଆତ୍ମନିର୍ଭରଶୀଳତାର ଭାବନାକୁ ଅଧିକ ସୁଦୃଢ଼ କରିବା ସହ ନାରୀ ସଶକ୍ତୀକରଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

ଧବଳେଶ୍ୱର ମନ୍ଦିରରେ କାର୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହରୀ ଏବଂ ରୁଦ୍ରାଭିଷେକ କାର୍ଯ୍ୟକ୍ରମ



ରାଉରକେଲା,୨୩/୧୧(ନି/ପ୍ର): ଦେବଗାଁର ତରଜେରା ସ୍ଥିତ ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ କାର୍ତିକ ପୂର୍ଣ୍ଣିମାକୁ ନେଇ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଦିନ ଅଧିବାସ ଏବଂ ସୋମବାର ଦିନ ସକାଳେ ଅଷ୍ଟପ୍ରହରୀ ନାମ ଙ୍କୀର୍ତ୍ତନ ଓ ବିଜୟିତ ରାତିରୁ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଷ୍ଟପ୍ରହରୀ ପାଇଁ ଦେବଗଡ଼, ସମଲପୁର ଓ ବାମଣ୍ଡାରୁ କୀର୍ତନ ପାର୍ଟିକୁ ବୁକାଯାଇଥିଲା, ଯାହାକୁ ନେଇ ଆଜି ମନ୍ଦିର ପରିସରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଅବସରରେ ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟର ପ୍ରତିଷ୍ଠାତା ରବି ଦେହୁରୀ, ସଦସ୍ୟ ଅନିରୁଦ୍ଧ ସ୍ୱାଇଁଙ୍କ ସମେତ ମୁଖ୍ୟ ପୂଜକ ବିରଚି ଦେହୁରୀ, ଜଗନ୍ନାଥ ଦେହୁରୀ, ଅରୁଣ ତ୍ରିପାଠୀ ଓ ଙ୍କର୍ଷଣ ନାୟକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ସମଗ୍ର ମନ୍ଦିର ପରିସରକୁ ରଙ୍ଗୀନ ଆଲୋକ ଏବଂ ଫୁଲରେ ସଜାଯାଇଛି ।

ଇନ୍‌ଟାକ୍ ଭଦ୍ରକ ଚାପ୍ଟର ପକ୍ଷରୁ ଭଦ୍ରକର ଗରିମାମୟ ଐତିହ୍ୟ ସଂପର୍କରେ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ, ୨୩/୧୧(ନି/ପ୍ର): ଭଦ୍ରା ଓ ସଂସ୍କୃତିକ ଐତିହ୍ୟ ସୁରକ୍ଷାର ଜାତୀୟ ନ୍ୟାସ (ଇନ୍‌ଟାକ୍) ଭଦ୍ରକ ଶାଖାର ଆନୁକୂଲ୍ୟରେ ଜୁଆଁସିସ୍ଥିତ "ନିତ୍ୟାନନ୍ଦ ଭବନ" ପରିସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅତି ସୁନ୍ଦର ଭାବରେ ଭଦ୍ରକର ଗରିମାମୟ ଐତିହ୍ୟ ସଂପର୍କରେ ବିଭିନ୍ନ ବିଷୟ ତଥ୍ୟମାନ ଉପସ୍ଥାପନ କରିଥିଲେ । ଭଦ୍ରକ ଜିଲ୍ଲାରୁ ୯ ଗୋଟି ସ୍କୁଲର ୯ଜଣ ଛାତ୍ରଛାତ୍ରୀମାନେ ଇଂରାଜୀରେ ବକ୍ତବ୍ୟ ରଖିଥିଲେ ଏବଂ ୧୩ ଗୋଟି ବିଦ୍ୟାଳୟରୁ ଆସିଥିବା ୨୦ ଜଣ ଛାତ୍ରଛାତ୍ରୀବୃନ୍ଦ ଓଡ଼ିଆ ବକ୍ତବ୍ୟରେ ପ୍ରବାନରେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଆ ବିଭାଗରେ ଡଃ ମନୀନ୍ଦ୍ର କୁମାର ମହାନ୍ତି, ଅକ୍ଷୟ ହୋତା, ରବୀନ୍ଦ୍ର କୁମାର ମହାନଣା ଏବଂ ଗୀତାରାଣୀ ଆଇଚ ବିଚାରକ ଭାବରେ ଯୋଗଦାନ କରିଛି.ଏ.ଲି.ଏସ୍.ବି.ପି ପବ୍ଲିକ ସ୍କୁଲ, ରାନ୍ଧିଆର ବୈଷ୍ଣୋ ସୂର୍ଯ୍ୟାଂଶୀଙ୍କୁ ପ୍ରଥମ ଓ ମାଷ୍ଟର କୌଶିକଙ୍କୁ ଦ୍ୱିତୀୟ ଏବଂ ବିଦ୍ୟାଳୟ ବିଦ୍ୟାମନ୍ଦିର, ଭଦ୍ରକର ସୂର୍ଯ୍ୟ ପ୍ରକାଶ ରାଉତଙ୍କୁ ତୃତୀୟ ଭାବେ ନିର୍ବାଚିତ କରିଥିଲେ । ସେହିପରି ଇଂରାଜୀ ବିଭାଗରେ ଡଃ ଗୋଲକ ବିହାରୀ ସାହୁ,ହରମୋହନ ଜୁଆଁର, ଯୁଧିଷ୍ଠିର ବାରିକ ଓ ଅରବିନ୍ଦ ବସନ୍ତରାୟ ବିଚାରପତି ଭାବେ ଯୋଗଦେଇ ଏସ୍.ବି.ବି.ଡ଼ି. ଇଂଟରନ୍ୟାସ୍‌ନେଲ ସ୍କୁଲର ଜାର୍ଭି ଜାବ୍ୟା କ୍ରିଷ୍ଣା ପ୍ରଥମ ଓ ସ୍ୱାତୀ ସିମରନ୍ ପତିଙ୍କୁ ତୃତୀୟ ଏବଂ ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ବିଦ୍ୟାଳୟର ସ୍ନେହାଳ ପଣ୍ଡାଙ୍କୁ ଦ୍ୱିତୀୟ ସ୍ଥାନରେ ନିର୍ବାଚିତ କରିଥିଲେ । ସମସ୍ତ ଅଂଶ ଗ୍ରହଣକାରୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉନ୍‌ଟାକ୍ ଭଦ୍ରକ ଚ୍ୟାପ୍ଟରର ମୁଖ୍ୟ ବିଗ୍ୟର ମହାନ୍ତି ଓ ସହଯୁଗ୍ମ ଆବାହକ ପ୍ରଭାକର ମଲ୍ଲିକଙ୍କ ନେତୃତ୍ୱରେ ସଭାକାର୍ଯ୍ୟ, ପ୍ରତିଯୋଗୀତା ଓ ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥିଲା । ଅଜିତ୍ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର, ମଦନ ମୋହନ ନାୟକ, ଲକ୍ଷ୍ମଣ କୁମାର ମହାନ୍ତି, ବଭୁଶାକର ଉଦାଧ୍ୟାୟ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ବିଚାରପତି କୁମାର ନାୟକ ଓ ଲକ୍ଷ୍ମଣ କୁମାର ମହାନ୍ତି ସମସ୍ତ ପ୍ରତିଯୋଗୀ ଓ ସଭ୍ୟ/ସଭ୍ୟାମାନଙ୍କୁ ପ୍ରବାବ ସେବନରେ ଆପ୍ୟାୟିତ କରିଥିଲେ । ଆସନ୍ତା ଡିସେମ୍ବର ୧୩ ତାରିଖରେ ଉନ୍‌ଟାକ୍ ଭଦ୍ରକ ଚାପ୍ଟର ବାର୍ଷିକୋତ୍ସବ